ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.176 Bhubaneswar Saturday, August 28, 2021 ୨୪ତମ ବର୍ଷ ସଂଖ୍ୟା-୧୭୬ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ୧ରୁ ଖୋଲିବ ଲିଙ୍ଗରାଜ ମନ୍ଦିର, କୋଭିଡ୍ ଗାଇଡ୍ ଲାଇନ୍ ଜାରି କଲା ବିଏମସି: ମନ୍ଦିର ପ୍ରବେଶ ଦ୍ୱାରରେ ଲାଗିବ ରୂପା କବାଟ

ଭୁବନେଶ୍ୱର,୨୭।୮(ପି.ଏନ): ଆସନ୍ତା ସେପ୍ଟେମ୍ବର ୧ରୁ ସର୍ବସାଧାରଣଙ୍କ ପାଇଁ ଲିଙ୍ଗରାଜ ମନ୍ଦିର ଖୋଲିବ। ସେଥିପାଇଁ କୋଭିଡ୍ ମାର୍ଗଦର୍ଶିକା ଜାରି କରିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ମନ୍ଦିରକୁ ପ୍ରବେଶ ପୂର୍ବରୁ ପ୍ରତ୍ୟେକ ଦର୍ଶନାର୍ଥୀ ନେଇଥିବା ୨ଟି ଡୋଜ ଟିକା ପ୍ରମାଣପତ୍ର ଦେଖାଇବା ଜରୁରୀ। ଗର୍ଭଗୃହରେ ଦର୍ଶନ ସମ୍ପୂର୍ଣ୍ଣ ବାରଣ ରହିଛି। ଥରକେ ୧୦୦ ଭକ୍ତଙ୍କୁ ଦର୍ଶନ ପାଇଁ ଅନୁମତି ମିଳିବ। ସେବାୟତମାନେ ଶ୍ରଦ୍ଧାଳୁଙ୍କଠାରୁ ଭୋଗ ଗ୍ରହଣ କରିପାରିବେ ନାହିଁ। ପ୍ରତ୍ୟେକ ଶ୍ରଦ୍ଧାଳୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସାମାଜିକ ଦୂରତା ମାନିବା ବାଧ୍ୟତାମୂଳକ କରାଯାଇଛି। ରୋଗାକ୍ରାନ୍ତ, ବୟସ୍କ, ଗର୍ଭବତୀ, ୧୮ ବର୍ଷରୁ କମ୍ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରା କଟକଣା ଲଗା ଯାଇଛି। ନିୟମ ପାଳନରେ ତ୍ରୁଟି ହେଲେ ମନ୍ଦିର ଖୋଲାଯିବା ନିଷ୍ପତି ପ୍ରତ୍ୟାହାର ହେବ ବୋଲି ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି।ଅପରପକ୍ଷରେ ଶୁକ୍ରବାର ଦିନ ବିଏମସି କମିସନର, ସେବାୟତ ଓ ଏଏସଆଇ କର୍ତ୍ତୃପକ୍ଷ ଲିଙ୍ଗରାଜ ମନ୍ଦିର ସର୍ବେକ୍ଷଣ କରିଛନ୍ତି। ମନ୍ଦିର ଭିତରେ କଣ କଣ ଅସୁବିଧା ଅଛି ଏବଂ ମନ୍ଦିରର ସଂରକ୍ଷଣ ଓ ପୁନରୁଦ୍ଧାର କାର୍ଯ୍ୟ କିଭଳି ହୋଇପାରିବ ଆଗକୁ ଆହୁରି ଆଲୋଚନା କରାଯିବ ବୋଲି କହିଛନ୍ତି ବିଏମସି କମିସନର ସଞ୍ଜୟ ସିଂ ।ସେ କହିଛନ୍ତି, ସେବାୟତ ଓ ଭକ୍ତଙ୍କ ଅସୁବିଧା ଯେଭଳି ନ ହେଉ, ମନ୍ଦିର ଯେମିତି ସୁରକ୍ଷିତ ରହିଛି ଆଗକୁ ଯେମିତି ରହିବ ସେ ନେଇ ବ୍ୟବସ୍ଥା କରାଯିବ। ସେବାୟତମାନେ ଯେଉଁ ଅଭିଯୋଗ ତାକୁ ତଦାରଖ କଲୁ। ମନ୍ଦିର ଓ ପ୍ରଭୁଙ୍କ ସୁରକ୍ଷା ସବୁଠାରୁ ଗୁରୁ ଦାୟିତ୍ୱ। ସିଂହଦ୍ୱାର କବାଟ କାର୍ଯ୍ୟ ଆରମ୍ଭ ହୋଇଛି, ଏଥିରେ ରୁପା ଟ୍ୟାଗିଙ୍ଗ କରାଯିବ ବୋଲି ସେବାୟତମାନେ ପ୍ରସ୍ତାବ ଦେଇଛନ୍ତି, ଏହାକୁ ଆମେ ଅନୁଧ୍ୟାନ କରୁଛୁ। ଏନେଇ ଏ ଏସ ଆଇର ଅଧୀକ୍ଷକ ଅରୁଣ ମଲ୍ଲିକ କହିଛନ୍ତି, କମ୍ପ୍ରିହେନସିଭ କଂଜର୍ଭେସନ ପ୍ଲାନ କରି କାର୍ଯ୍ୟ ଆରମ୍ଭ କରିବୁ। ଏବେ ମନ୍ଦିର ସିଂହଦ୍ୱାରର କାର୍ଯ୍ୟ ଚାଲିଛି। ନାଟ ମଣ୍ଡପରେ ପାଣି ଗଳିବା ନେଇ ଚିନ୍ତାଜନକ ସ୍ଥିତି ନାହିଁ, କିନ୍ତୁ ମରାମତି ଯୋଜନାକୁ ଅନୁମୋଦନ ମିଳିଛି, କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ।ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି, ଆମେ ରୁପା କବାଟ ପାଇଁ ପ୍ରସ୍ତାବ ଦେଇଥିଲୁ। ଏନେଇ ସରକାର ଓ ଏଏସଆଇର ସହମତି ରହିଛି। ନାଟ୍ୟ ମଣ୍ଡପରେ ଫାଟ, ଶିବଶକ୍ତିରେ ତାର ବାଡ଼ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ, ବିଭିନ୍ନ ମନ୍ଦିରର ପାଣି ଗଳୁଥିବା ସ୍ଥିତି ନେଇ ବିଏମସି କମିସନର ଓ ଏଏସଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି।

## ରାଜ୍ୟରେ ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ନେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂମିକା ଅତୁଳନୀୟ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୭।୮(ପି.ଏନ): ରାଜ୍ୟରେ ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ନେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂମିକା ଅତୁଳନୀୟ। ଓଡ଼ିଶାର ସମାଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅନ୍ତରାଷ୍ଟ୍ରୀୟ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନେକ ବ୍ୟକ୍ତିତ୍ୱଙ୍କର ଲମ୍ବା ତାଲିକାର ଆଦିଭୂମି ଉତ୍କଳ ବିଶ୍ୱବିଦ୍ୟାଳୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମିନି ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରଙ୍କ ଦାୟିତ୍ୱ ବ୍ୟତିତ ଆମେ ପୁରାତନ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟକୁ ନୂଆ ରୂପ ଦେବା ପାଇଁ ସାମୂହିକ ପ୍ରଚେଷ୍ଟା କରିବା ଦରକାର।



ବିଶ୍ୱବିଦ୍ୟାଳୟର ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ଆଲୁମିନୀ କେବଳ ଆର୍ଥିକ ଯୋଗଦାନ ଦେଲେ ହେବ ନାହ ବରଂ ନୂଆ ଚିନ୍ତାଧାରା, ନବସୃଜନର ଯୋଗଦାନ ରଖିବା ମଧ୍ୟ ଜରୁରୀ ।ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ଆଗକୁ ନେବାକୁ ହେଲେ ବିଶ୍ୱବିଦ୍ୟାଳୟକୁ ଆଗକୁ ନେବା ପାଇଁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହଛନ୍ତି । ଏହି ଭର୍ଚୁଆଲ ଉତ୍ସବରେ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟର ଥିବା ଭୂମିକା ଉପରେ ଆଲୋକପାତ କରିବା ସହ ଆଲୁମିନିର ବିଶ୍ୱବିଦ୍ୟାଳୟ ପାଇଁ ଥିବା ଅବଦାନ ଉପରେ ଆଲୋଚନା କରିଥିଲେ।

## ୧୪ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୨୭।୮(ପି.ଏନ): ଓଡ଼ିଶାରେ ଅବଧି ଶେଷ ହୋଇଥିବା ପୁରୁଣା ଗାଡ଼ିଗୁଡ଼ିକୁ ରଦ୍ଦ ଓ ବୈଦ୍ୟୁତିକ ମୋଟରଯାନ କିଣିବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ 'ଓଡ଼ିଶା ବୈଦ୍ୟୁତିକ ମୋଟରଯାନ ନୀତି-୨୦୨୧'କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୨୫ ମସିହା ସୁଦ୍ଧା ରାଜ୍ୟରେ ୨୦ ପ୍ରତିଶତ ଇଲେକ୍ଟ୍ରିକ ଅବା ବ୍ୟାଟେରୀ ଚାଳିତ ମୋଟରଯାନ ଚଳାଚଳ କରିବାକୁ ଏହି ନୀତିରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହାସହିତ ରାଜ୍ୟ କ୍ୟାବିନେଟ ଆଜି ମୋଟ ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଭର୍ଚୁଆଲ ମୋଡରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତି ସମ୍ପର୍କରେ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଇ-ଯାନ ନୀତି ବ୍ୟତୀତ ଓଡ଼ିଶା ବାଲି ନୀତି-୨୦୨୧କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଓଡ଼ିଶା ଭେଟେନାରୀ ସର୍ଭିସ୍ କ୍ୟାଡରର ପୁନର୍ଗଠନକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ଭେଟେନାରୀ ସେବା ପଦବୀ ସଂଖ୍ୟା ୧୪୮୧ରୁ ୧୯୧୦କୁ ବୃଦ୍ଧି ହେବ। ସେହିପରି ଓଡ଼ିଶା ସୋସିଆଲ୍ ସିକ୍ୟୁରିଟି ସର୍ଭିସ-୨୦୨୧ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । କାନପୁର ଜଳସେଚନ ପ୍ରକଳ୍ପରେ ପ୍ଲାଷ୍ଟିକ କଂକ୍ରିଟ୍ ପାଇଁ ହୋଇଥିବା ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଆଇନ ସଂଶୋଧନରେ କ୍ୟାବିନେଟ୍ ମୋହର ବାଜିଛି । ଏଥିରେ ପ୍ରିନସିପାଲଙ୍କୁ ଡିଡିଓ କ୍ଷମତା ଦିଆଯାଇଛି । ତାଙ୍କ ଅଧୀନରେ ଥିବା ସମସ୍ତ କର୍ମଚାରୀଙ୍କ ପ୍ରୋଭିଜିନାଲ ପେନସନକୁ ମଞ୍ଜୁର କରିପାରିବେ । ଜଜ୍ କୋର୍ଟ ଓ ଅଧସ୍ତନ କୋର୍ଟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କ୍ୟାଡର ରୁଲ୍ କୁ କ୍ୟାବିନେଟ୍ ଅନୁମୋଦନ କରିଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରକ୍ଷଣାବେକ୍ଷଣ କରିବ ପଂଚାୟତ । ଏହାସହ ଷ୍ଟିଲ୍ ଓ ମାଇନ୍ସ ବିଭାଗର ୪ଟି ସର୍ଭିସ୍ ରୁଲ୍ କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛି । ହସ୍ତତନ୍ତ ବିଭାଗର କାରବାର ନିୟମରେ ସଂଶୋଧନକୁ ଅନୁମୋଦନ ମିଳିଛି। ଏଥିରୁ କୁଟୀର ଶିଳ୍ପକୁ ବାଦ୍ ଦେଇ ଅନ୍ୟାନ୍ୟ କାର୍ଯ୍ୟକାରୀ ଶିଳ୍ପକୁ ସାମିଲ କରାଯାଇଛି। ମୌସୁମୀ ଅଧିବେଶନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ସେପ୍ଟେମ୍ବର ୧ତାରିଖରୁ ବିଧାନସଭା ଆରମ୍ଭ ହେବ।

## ଆସନ୍ତାକାଲି ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର, ୨୭।୮(ପି.ଏନ): ଉତର ପଶ୍ଚିମ ତଥା ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା କାଲି (ଶନିବାର) ଉତର-ପଶ୍ଚିମ ତତ-ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଗୋଟିଏ ଲଘୁଚାପକ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଗଜପତି , ଗଂଜାମ, ପୁରୀ, ଖୋର୍ଦ୍ଧା , ଜଗତସିଂହପୁର, ନୟାଗଡ, କଟକ,ଅନୁଗୁଳ, ଦେବଗଡ ଓ କନ୍ଧମାଳ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗଳ , ଢେଙ୍କାନାଳ , କନ୍ଧମାଳ, ବୌଦ୍ଧ, ରାୟଗଡା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି।

## କଟକ ଏସ୍‌ସିବିରେ ଏକମୋ ୟୁନିଟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ : ମାଗଣା ଏକ୍‌ମୋ ଚିକିତ୍ସା ଦେବାରେ ଦେଶରେ ପ୍ରଥମ ଓ ସର୍ବବୃହତ

ଭୁବନେଶ୍ୱର,୨୭।୮(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କଟକର ଶ୍ରୀରାମଚନ୍ଦ୍ର ଭଂଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ସ୍ଥାପିତ ହୋଇଥିବା ୯ଟି ଏକ୍‌ମୋ ମେସିନକୁ ଜନସାଧାରଣଙ୍କ ପାଇଁ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଡାକ୍ତରଖାନାରେ ସ୍ଥାପିତ ହୋଇଥିବା ଏକ୍ ମୋ ମେସିନ ଗୁଡିକୁ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଦିନ କଟକ ଗସ୍ତରେ ଆସି ବୋସ ଅସ୍ଥାୟୀ ହ୍ୟାଲିପେଡ୍‌ରେ ପହଂଚିବା ପରେ ଏସ୍‌ସିବି ଅଭିମୁଖେ ଯାଇଥିଲେ ଏବଂ ସେଠାରେ ପୂର୍ବ ଭାରତର ଏହି ବଡ଼ ଏକମୋ ୟୁନିଟ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ୍‌ମୋ ଚିକିତ୍ସା ଖୁବ୍ ବ୍ୟୟବହୁଳ । ତେଣୁ ରାଜ୍ୟ ସରକାର ଏହି ସେବା ମାଗଣାରେ ଲୋକଙ୍କୁ ଯୋଗାଇ ଦେବେ । ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଯେ ଦ୍ୱିତୀୟ ଲହରର ସ୍ମୃତି ଖୁବ୍ କଷ୍ଟଦାୟକ । ଲକଡାଉନ କୋହଳ ହୋଇଛି, ହେଲେ ବିପଦ ଟଳିନି । ତୃତୀୟ ଲହର ମୁକାବିଲା ପାଇଁ ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ତୃତୀୟ ଲହରରେ ଶିଶୁ ବେଶି ସଂକ୍ରମିତ ହେବା ଆଶଙ୍କା ରହିଛି । ପିଲାଙ୍କ ସୁରକ୍ଷା ପାଇଁ କୋଭିଡ ନିୟମ ପାଳନ କରିବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ମାସ୍କ ପିନ୍ଧିବା ସହ ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ଅବଲମ୍ବନ କରିବାକୁ ମଧ ସେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ ଘରୋଇ ଡାକ୍ତରଖାନାରେ ଏକ୍ ମୋ ଚିକିତ୍ସା ପାଇଁ ସର୍ବନିମ୍ନ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଥାଏ ।ସ୍ଥଳ ବିଶେଷ ରେ ଏହା ଆହୁରି ବୃଦ୍ଧି ପାଇଥାଏ ।ତେଣୁ ସରକାରୀ ସ୍ତରରେ ଏହି ଉନ୍ନତ ଚିକିତ୍ସା ସୁବିଧା ଗରିବ ତଥା ମଧ ବିତଲୋକଙ୍କ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ ।କଟକୁ ଫେରିବା ବାଟରେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ ଓ ଏହାର ଦୁଇପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ ପାଣ୍ଡିଆନ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକଗଣ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ‘ପଦ୍ମାବତୀ’ରେ ଐଶ୍ୱର୍ଯ୍ୟା



ନିର୍ଦ୍ଦେଶକ ସୟ ଲୀଲା ଭଂସାଲୀ ଏବେ ତାଙ୍କର ଆଗାମୀ ଫିଲ୍ମ ‘ପଦ୍ମାବତୀ’ର ସୁଟିଂ ଆରମ୍ଭ କରିଦେଇଛନ୍ତି । ଯେଉଁଥିରେ ମୁଖ୍ୟ ଭୂମିକାରେ ରହିଛନ୍ତି ଦୀପିକା ପାଦୁକୋନ, ରଣବୀର ସିଂହ ଓ ଶାହିଦ କପୁର । କିନ୍ତୁ ଲାଗୁଛି ଏତିକିରେ ବୋଧେ ମନଭରି ନାହିଁ ସୟଙ୍କର। ସେ ଫିଲ୍ମରେ ଆଉ କିଛି ତଡକା ଦେବା ପାଇଁ ଚାହୁଁଛନ୍ତି। ସେଥିପାଇଁ ତ ଐଶ୍ୱର୍ଯ୍ୟାଙ୍କୁ ଫିଲ୍ମରେ ନେଇଛନ୍ତି । ଶୁଣିବାକୁ ମିଳୁଛି ଭଂସାଲୀ ଫିଲ୍ମଟିକୁ ଆଉ ଟିକେ ମସାଲାଦାର କରିବା ପାଇଁ ଐଶ୍ୱର୍ଯ୍ୟାଙ୍କୁ ସାଇନ କରିଛନ୍ତି। ତେବେ ଐଶ୍ ଏଥିରେ ମୁଖ୍ୟ ଭୂମିକାରେ ନୁହେଁ ବରଂ ଅତିଥି ଭୂମିକାରେ ଆସିବେ। ଫିଲ୍ମରେ ତାଙ୍କର କେବଳ ଗୋଟିଏ ଗୀତ ରହିବ। ଆଉ ସେଥିପାଇଁ ସେ ଖୁବ୍ ଶୀଘ୍ର ସୁଟିଂ ମଧ୍ୟ ଆରମ୍ଭ କରିବେ। ତେବେ ଏହାପୂର୍ବରୁ ମଧ୍ୟ ଐଶ୍ ସୟଙ୍କ ସହ ଫିଲ୍ମ ‘ଦେବଦାସ’ ଓ ‘ଗୁଜାରିସ୍’ କରିସାରିଛନ୍ତି। ଦୁଇଟିଯାକ ଖୁବ୍ ସଫଳତା ମଧ୍ୟ ପାଇପାରିଛି। ଏବେ ଅପେକ୍ଷା କେବଳ ପଦ୍ମାବତୀର ରିଲିଜକୁ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ରତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା’ ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ। ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା



ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।

## ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍‌କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ। ହିଲଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି। ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି। ତାଙ୍କୁ ସାନିଟେସନ୍ ଚମ୍ପିଆନ୍ ଆଖ୍ୟା ପ୍ରଦାନ କରାଯାଇଛି। ମୌଦ୍ରିତା କହିଛନ୍ତି ଯେ ଆଗାମୀ ଦିନରେ ମଧ ମୁଁ ମୋର ସଂଚିତ ଅର୍ଥକୁ ସ୍ୱଚ୍ଛତା ଅଭିଯାନ ବାବଦରେ ଖର୍ଚ୍ଚ କରିବି।




# ସ୍ୱାଭିମାନ ଅଂଚଳରେ ଆରମ୍ଭ ହେଲା ମାଣ୍ଡିଆ ତଳିରୋପଣ

ମାଲ କାନଗିରି : ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ଶିଶୁ ଓ ମହିଳା କଲ୍ୟାଣ ସମିତି ଆନୁକୂଲ୍ୟରେ ଜିଲା କୃଷି ବିଭାଗ, ୱାସନ ଅନୁଷ୍ଠାନ ଓ ଆତ୍ମା ସହାୟତାରେ ମିଲେଟ ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ଓ ମହିଳା କଲ୍ୟାଣ ସମିତି ର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ପଣ୍ଡା ଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ବଡ଼ପଡ଼ା ଓ ପାପରମେଟେଲା ପଂଚାୟତ ଅନ୍ତର୍ଭୁକ୍ତ ବିଭିନ୍ନ ଗ୍ରାମରେ ମାଣ୍ଡିଆ ଓ ସୁଆଁ ତଳି ରୋପଣ ଆରମ୍ଭ ହୋଇଛି ! ବିଭିନ୍ନ ଗ୍ରାମର ଚାଷୀଙ୍କ ଜମିରେ ମାଣ୍ଡିଆ ସୁଆଁ ଚାଷ ନିମନ୍ତେ ବେଡ଼ ପ୍ରସ୍ତୁତି କରାଯାଇ ତଳି ପକାଯାଇ ଚାଷୀ ଜମି ପ୍ରସ୍ତୁତି କରି ତଳି ରୋପଣ କରିବା ଆରମ୍ଭ କରିଛି ! ଚଳିତ ବର୍ଷ ସ୍ୱାଭିମାନ ଅଂଚଳରେ ଚାରି ଶହ ଚାଷୀ ଙ୍କୁ ଚୟନ କରାଯାଇଛି ଏବଂ ୨ ୨ ୦ ହେକ୍ଟର ଜମିରେ ସୁଆଁ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀ ଚୟନ କରାଯାଇଛି ! ଯେଉଁ ମାଣ୍ଡିଆ ଓ ସୁଆଁ ଚାଷ କେବଳ ଜୈବିକ ଖତ ସାରରେ ବ୍ୟବହାର କରାଯାଇ ଚାଷ କରାଯାଏ ଫଳରେ ଚାଷୀ ଦୁଇଗୁଣା ଅମଳ ପାଇଥାଏ ! ଯେଉଁ ମାଣ୍ଡିଆ ଚାଷ ମାଲକାନଗିରି ଜିଲାରେ ଲୋକେ ନିଜ ଖାଦ୍ୟ ରୂପେ ବ୍ୟବହାର କରନ୍ତି ଏବଂ ଚାଷ ରେ ମଧ୍ୟ ମିଲେଟ ମିଶନ କାର୍ଯ୍ୟକ୍ରମ ଅଗ୍ରଣୀ ଭୂମିକା ଗ୍ରହଣ କରିଛି !ସ୍ୱାଭିମାନ ଅଂଚଳରେ ଏହି କ୍ଷୁଦ୍ର ଶସ୍ୟ ର ପୁନରୁଦ୍ଧାର କରାଯିବା ସହ ଚାଷୀ ନିଜେ ଖାଦ୍ୟ ରୂପେ ବ୍ୟବହାର କରିବା ସହ ଅଧିକ ଅମଳ କୁ ସରକାର ଙ୍କ ମାଣ୍ଡିଆ ମଣ୍ଡି ରେ ବିକି ଭଲ ଦୁଇ ପଇସା ପାଇ ଲାଭ ପାଇ ପାରୁଛି ଓ ଚାଷୀ ଉତ୍ସାହିତ ହେବା ପାଇଁ ପ୍ରୋତ୍ସାହନ ରାଶି ମଧ୍ୟ ପାଇଛି !ବିଭିନ୍ନ ସ୍ଥାନରେ ଗୋଷ୍ଠୀ ମାଧ୍ୟମରେ ମାଣ୍ଡିଆ ଗୁଣ୍ଡ କରିବା ଯନ୍ତ୍ର ମଧ୍ୟ ପ୍ରଦାନ କରାଯାଇଛି !ଏଥି ସହିତ ଜିଲାରେ ମାଣ୍ଡିଆ ଚାଷ କରୁଥିବା ମହିଳା ଗୋଷ୍ଠୀ ସଦସ୍ୟା, ମାଣ୍ଡିଆ ଚାଷୀ ଓ ବିଭିର୍ନ ପଂଚାୟତରେ କାର୍ଯ୍ୟରତ ସିଆରପି ମାନଙ୍କୁ ନେଇ ମାଣ୍ଡିଆ ରେ ବିଭିନ୍ନ ପ୍ରକାରର ପ୍ରସ୍ତୁତ ଜଳଖିଆ ସମ୍ପର୍କରେ ଜ୍ଞାନ କୌଶଳ ପ୍ରଦାନ କରାଯାଇ ଜଳଖିଆ ତିଆରି କରି ଦେଖାଯିବା ସହିତ ଭିନ୍ନ ଭିନ୍ନ ଜଳଖିଆ ଅନୁଯାଇ ଭାଗମାପ ଓ ପ୍ରସ୍ତୁତ ସମ୍ପର୍କରେ ଅବଗତ କରାଯାଇଛି ! କେବଳ ଯେ ମାଣ୍ଡିଆ କୁ ମାଣ୍ଡିଆ ପେଜ କି ଖିରି କରି ଖାଇବା ଏକ ମାତ୍ର ବ୍ୟବହାର ର ଉପାୟ ନୁହେଁ, ମାଣ୍ଡିଆର ଚାହିଦା ତଥା ସ୍ୱାସ୍ଥ୍ୟ ଉପଯୋଗୀ ଉପାଦେୟତା କୁ ଆଖି ଆଗରେ ରଖି ମାଣ୍ଡିଆ କୁଭିନ୍ନ ଉପାୟରେ ଉପଯୋଗ କରି ବହୁ ପ୍ରକାରର ଜଳଖିଆ ଓ ଖାଦ୍ୟ ପଦାର୍ଥ ତିଆରି କରିହେବ ଯଥା - ବରା, ପକୁଡି, ଇଟିଲି, ଆଳୁଚପ, ଚକୁଳି ପିଠା, ଉପମା, ବିରିୟାନୀ, ଦହିବରା, ଗୋଲାପଜାମୁ, ରସଗୋଲା, ପକଡା, ବାଇଗିଣି, ଖିରି, ପୋଡପିଠା, ବିସ୍କୁଟ, କେକ,ପୋଡ ମିଠା, ପିଆଜି, ସିଙ୍ଗଡ଼ା ଭଳି ବହୁ ପ୍ରକାରର ଖାଦ୍ୟ ତିଆରି କରାଯାଇ ପାରିବ ଯାହାକି ଦୈନିକ ନିଜେ ଖାଦ୍ୟ ଓ ଜଳଖିଆ ଭାବେ ବ୍ୟବହାର ର ଫାଇଦା ଉଠାଇବା ସହିତ ଜଣେ ଚାଷୀ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଉକ୍ତ ଜଳଖିଆ ଦୋକାନ କରି ମଧ୍ୟ ନିଜେ ସ୍ୱାବଲମ୍ବୀ ହୋଇ ପାରିବ !ଏଣୁ ମାଣ୍ଡିଆ ତିଆରି ଜଳଖିଆ ର ଚାହିଦା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିବ ଏବଂ ବ୍ୟବସାୟୀ ମଧ୍ୟ ଦୁଇ ପଇସା ଭଲ ରୋଜଗାର କରି ଜୀବନ ଜୀବିକା ରେ ସହାୟକ ହୋଇ ପାରିବ, ଉକ୍ତ କାର୍ଯ୍ୟକ୍ରମ କୁ ମିଲେଟ ମିଶନ ପ୍ରକଳ୍ପ ସଂଯୋଜକ ତପନ କୁମାର ରଥ, ସୁରେଶ ଚନ୍ଦ୍ର ପୂଜାରୀ, ତ୍ରିନାଥ ଖେମୁଡୁ ଓ ରାକେଶ ମହାରଣା ପରିଚାଳନା କରୁଛନ୍ତି !

# ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କରୋନା କଟକଣାକୁ ଫୁଁ, ରେଗୁଲାର ଅର୍ଡର ଦେବା ନାଁରେ ବଟି ଆଦାୟ ଅଭିଯୋଗ

ହରିଚନ୍ଦନପୁର: ସାରା ରାଜ୍ୟରେ କରୋନାର ଦ୍ୱିତୀୟ ଲହରୀରେ କଟକଣା ସାମାନ୍ୟ କୋହଳ ହୋଇଛି । କରୋନା କଟକଣାର ସମସ୍ତ ପ୍ରକାର ନୀତି ନିୟମ ପାଳନ କରିବାକୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ ହରିଚନ୍ଦନପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟରେ କଟକଣାକୁ ବେଫିକର ଭାବେ ପାଳନ ଚାଲିଥିବା ଦେଖିବାକୁ ମିଳିଛି । ଏହି ଶିକ୍ଷାଅଧିନରେ ରେଗୁଲାର ହେବାକୁ ଥିବା ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏକାସଙ୍ଗେ ଡକାଇ ରେଗୁଲାର ଅର୍ଡର ପ୍ରଦାନ କରାଯାଇଛି । ଏଥିସହ ମୁଖ୍ୟ କଥା ସମସ୍ତଙ୍କ ଠାରୁ ମନମୁଖି ଭାବେ ବଟି ଆଦାୟ କରିବା ସହ ସରକାରଙ୍କ କରୋନା କଟକଣାର ଧର୍ଯ୍ୟା ଉଡ଼ାଇଥିବା ଭଳି ସାଘାଂତିକ ଘଟଣା ଘଟିଛି । ସୂଚନା ମୁତାବକ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସମଗ୍ର ଶିକ୍ଷା କେନ୍ଦୁଝର ଚିଠି ନଂ ୧୮୮୯ରେ ଜିଲ୍ଲାର ୧୩ଟି ବ୍ଲକର ୨୦୧୧/୧୨/୧୩/୧୪ ବ୍ୟାଚର କନିଷ୍ଠ ଶିକ୍ଷକଙ୍କୁ ରେଗୁଲାର ହେବାକୁ ନିର୍ଦ୍ଦେଶ ରହିଛି । ସେହିପରି ହରିଚନ୍ଦନପୁର ବ୍ଲକରେ ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରେଗୁଲାର ହେବାକୁ ଅର୍ଡର ଆସିଥିଲା । ଯାହାକୁ ନେଇ କୋଭିଡ ସମୟରେ ସରକାରଙ୍କ କଡକଣାକୁ ଭୁଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏକା ସଙ୍ଗେ ୮୬ ଜଣକୁ ଡକାଯାଇଛି । ସେମାନଙ୍କ ଠାରୁ ଅତି ଚତଂକତା ସହିତ ପ୍ରତି ଶିକ୍ଷକଙ୍କ ଫିଛା ଚାନ୍ଦା ଆଦାୟ କରାଯାଇଥିବା ନେଇ ହରିଚନ୍ଦନପୁର ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଖବର ଅନୁଯାୟୀ ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗୋଟିଏ ଚିଠିରେ ସମସ୍ତ ରେଗୁଲାର ହେବାକୁ ଥିବା ଶିକ୍ଷକଙ୍କ ନାମ ରହିଛି ଓ ରେଗୁଲାର ଅର୍ଡର ପ୍ରଦାନ କରାଯାଇଛି । ହେଲେ ହରିଚନ୍ଦନପୁର ବ୍ଲକରେ ପ୍ରତି ଶିକ୍ଷକଙ୍କ ପିଛା ରେଗୁଲାର ଅର୍ଡର ପ୍ରସ୍ତୁତ କରି ଶିକ୍ଷକଙ୍କ ଠାରୁ କାହିଁକି ଶହଶହ ଟଙ୍କା ବଟି ସଂଗ୍ରହ କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ବ୍ଲକ ଶିକ୍ଷା ଅଧିକାରୀ କ୍ଷୀରୋଦ ତ୍ରିପାଠୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି ଘଟଣା ସମ୍ପର୍କରେ ପଚାରିବାରୁ ମୋ କାନକୁ କିଛି ଆସିନାହିଁ କହି ଫୋନ୍ କଲ୍ କାଟି ଦେଇଥିଲେ । ସମସ୍ତ କଥା ନଶୁଣି ଫୋନ୍ କଲ୍ କାଟି ଦେବାରୁ ଜଣାପଡିଯାଉଛି ଏହା ଭିତରେ ସତ୍ୟତା କ'ଣ ରହିଛି, ଓ ଚର୍ଚ୍ଚାର ବିଷୟ ହିଁ ସତ୍ୟ।

# ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି। ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି। ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ। ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି। ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି। ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି। ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି। ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି। ଯାହାଦ୍ୱାରା ରେନେୱ୍‌ବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି। ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି। ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ୍ ଏବଂ ଡିସକମ୍ ଆଦି ରେନେୱ୍‌ବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ। ରିନେୱ୍‌ବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି। ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ। ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ। ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ। ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ। ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ।

# ଲଟାବୁଦାରେ ଲୁଚିଗଲାଣି ଏଏନଏମ କେନ୍ଦ୍ର; ପୁନରୁଦ୍ଧାର ପାଇଁ ଦାବି

ଫୁଲନଖରା:ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଥିବା ଏଏନଏମ କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବର୍ତ୍ତମାନ ଲଟାବୁଦାରେ କେନ୍ଦ୍ରଟି ଆଚ୍ଛାଦିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏହାର କବାଟ ଝରକା ଉଇ ଲାଗି ନଷ୍ଟ ହେବା ସହିତ ଆସବାବପତ୍ର ଭାଙ୍ଗିରୁଜି ଗଲାଣି। ସେହିପରି ଅନାବନା ଗଛଲତାରେ କେନ୍ଦ୍ରଟି ସମ୍ପୂର୍ଣ୍ଣ ଲୁଚିଯିବାକୁ ବସିଛି। କେନ୍ଦ୍ର ମଧ୍ୟରେ ଥିବା ନଳକୂଅ କଳଙ୍କି ଲାଗି ଅଚଳ ହୋଇପଡ଼ିଥିଲାବେଳେ ମୁଖ୍ୟ



ଫାଟକ ଭାଙ୍ଗିଯାଇଛି। ଦୀର୍ଘ ୧୦ ବର୍ଷ ହେଲା ଏହାର ମରାମତି ଅଥବା ରକ୍ଷଣା ବେକ୍ଷଣ କାର୍ଯ୍ୟ ନହେବାରୁ ଏହା ଏବେ ସମ୍ପୂର୍ଣ୍ଣଭାବେ ପରିତ୍ୟକ୍ତ ହୋଇ ସରୀସୃପଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଛି। ପାଚେରି ଭାଙ୍ଗିରୁଜି ଯିବାରୁ ଏଥିରେ ବ୍ୟବହୃତ ଇଟା ଓ ପଥର ଚୋରି ହେବାରେ ଲାଗିଛି। ଏଠାରେ ସ୍ଥାନୀୟ ଅଞ୍ଚଳର ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ସହିତ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ଆବଶ୍ୟକ ଜରୁରୀ ଟିକାକରଣ କାର୍ଯ୍ୟ ହେଉଥିଲା; ମାତ୍ର ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ସମ୍ପୃକ୍ତ କେନ୍ଦ୍ରରେ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ଅସହଯୋଗ ମନୋବୃତ୍ତି ଯୋଗୁଁ କେନ୍ଦ୍ରଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଅଭିଯୋଗ ହେଉଛି। ଏ ନେଇ ସ୍ଥାନୀୟ ଜନସାଧାରଣ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ବର୍ତ୍ତମାନ ଟିକାକରଣ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟ ଗ୍ରାମ ମଧ୍ୟସ୍ଥ ଜଣୈକ ବ୍ୟକ୍ତିଙ୍କ ବାସଭବନରେ ହେଉଥିବା ଏବଂ ଏ ନେଇ ଅନେକ ସମସ୍ୟା ଉପୁଜୁଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ କୁରାଙ୍ଗଶାସନ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଃ ନିର୍ମାଣ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଓଡିଶାରେ ଚାଷୀ ମାନଙ୍କ ସମସ୍ୟା : ନିରଞ୍ଜନ

ଭୁବନେଶ୍ୱର: ଦୀର୍ଘ ବର୍ଷ ଧରି ରାଜ୍ୟ ଶାସନ ଦାୟିତ୍ୱରେ ଥିବା ବିଜେଡି ସରକାର, ଦଳର ନେତା ଓ କର୍ମୀମାନେ କୃଷି ଏବଂ କୃଷକର ବିକାଶକୁ ପ୍ରାଧାନ୍ୟ ଦିଆଯାଉଥିବା କହିଚାଲିଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ରାଜ୍ୟର ଚାଷୀକୂଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜନୈତିକ ଚକ୍ରବ୍ୟୂହ ଭିତରେ ତଳିତଳାନ୍ତ ହେବାରେ ଲାଗିଛନ୍ତି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ଦୁର୍ଦ୍ଦିନରେ ଥିବା ଭାଗଚାଷୀଙ୍କ ସମସ୍ୟାର ସମାଧାନ କରିପାରିନାହାନ୍ତି। ଏଥିରୁ ପ୍ରକୃତ ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା କେତେ ତାହା ବୁଝାପଡେ। ଚାଷୀଙ୍କ ଆୟ ବହୁଗୁଣିତ ହୋଇଥିବା ଯାହା କୁହାଯାଉଛି ତାହା କେବଳ ସରକାରୀ ନଥିପତ୍ରର ପରିସଂଖ୍ୟାନ ବୋଲି କୁହାଯାଇପାରେ। କୃଷି କାର୍ଯ୍ୟରେ ନିୟୋଜିତ ଚାଷୀର ସମସ୍ୟା ସମାଧାନ ଦିଗରେ ମଧ୍ୟ ସରକାର ସେଭଳି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଜଳସେଚନ ହେଉ କି ସାର, ବିହନ ଓ କୀଟନାଶକ ଯୋଗାଣ ହେଉ ସବୁଥିରେ ସରକାରୀ ଅର୍ଥ ତୋଷର ପାତ ଚାଷୀର ଦୁଃଖ ଲାଘବ କରିବାରେ ଅନ୍ତରାୟ ହୋଇପଡିଛି ବୋଲି ଆଜି ଏକ ପ୍ରେସବିଜ୍ଞପ୍ତିରେ ଆଜି ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ ଅତି କ୍ଷୋଭର ସହିତ କହିଛନ୍ତି। ସରକାରୀ ଅଫିସର ଓ ରାଜନେତାମାନଙ୍କ ଅସାଧୁ ମେଂଟ ଚାଷୀକୁ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଛି। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ସହ ରାଜ୍ୟ ସରକାରଙ୍କ ସୁସମ୍ପର୍କ ସମସ୍ତେ ଜାଣନ୍ତି। ଉଭୟଙ୍କ ଜାଣତରେ ସରକାରୀ ଯୋଜନା ଅର୍ଥ ବିପୁଳ ପରିମାଣରେ ବାଟମାରଣା ହେଉଥିବା ଅଭିଯୋଗ ହେବାରେ ଲାଗିଛି। ଚଳିତ ଖରିଫ୍ ଚାଷ ପାଇଁ ସାର ଆବଂଟନ ବ୍ୟବସ୍ଥାରେ କେନ୍ଦ୍ରସରକାର ଯେଉଁ ପରିମାଣର ସାର ଯୋଗାଣ ପ୍ରସ୍ତାବ ଦେଇଥିଲେ ତାହା ଆବଶ୍ୟକତା ଠାରୁ କମ ଥିଲେ ମଧ୍ୟ ରାଜ୍ୟ ସରକାର ରାଜି ହୋଇଥିଲେ। ଏବେ ଖରିଫ୍ ଚାଷ ସମୟରେ କେନ୍ଦ୍ର ସରକାର ତିନିମାସ ହେଲା ଆବଶ୍ୟକ ପରିମାଣର ସାର ଦେଉନଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଚଳିତ ଖରିଫରେ ରାଜ୍ୟ ପାଇଁ ଆବଂଟିତ ୨ ଲକ୍ଷ ୩୧ ହଜାର ୩୫୦ ମେଟ୍ରିକ ଟନ ୟୁରିଆ ବଦଳରେ ୧,୪୫,୧୪୫ ମେଟ୍ରିକ ଟନ ମିଳିଛି। ୨,୧୦,୦୦୦ ମେଟ୍ରିକ ଟନ ୟୁରିଆ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ଦେଇଥିବା ଯୋଗାଣ ପ୍ରସ୍ତାବରେ ରାଜ୍ୟ ରାଜି ହୋଇଥିଲା। ସେତିକି ମିଳିପାରିନାହିଁ। ସେହିପରି ୧,୫୨,୦୦୦ ମେଟ୍ରିକ ଟନ୍ ଡିଏପି ଜାଗାରେ ୯୭,୭୬୩ ମେଟ୍ରିକ ଟନ୍ ମିଳିଛି। ୧,୪୫,୦୦୦ ମେଟ୍ରିକ ଟନ୍ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର କହିଥିଲା। ସେହିପରି ୬୭, ୨୦୦ ମେଟ୍ରିକ ଟନ୍ ଏମଓପି ସ୍ଥାନରେ ୪୨,୮୬୭ ମିଳିଛି। ଯୋଗାଣ ପ୍ରସ୍ତାବରେ ୬୦ ହଜାର ମେଟ୍ରିକ ଟନ୍ ଥିଲେ। ୧,୬୭,୪୦୦ ମେଟ୍ରିକ ଟନ୍ ଏନପିକେଏସ୍ ସ୍ଥାନରେ ୧,୦୫,୭୯୮ ମେଟ୍ରିକ ଟନ୍ ମିଳିଥିବା ବେଳେ ୧,୪୨,୦୦୦ ମେଟ୍ରିକ ଟନ୍ ଦବାକୁ କେନ୍ଦ୍ର ଯୋଗାଣ ପ୍ରସ୍ତାବ ଦେଇଥିଲା। ମୋଟାମୋଟି ଆବଂଟନରେ ୬୨ ପ୍ରତିଶତ ୟୁରିଆ ମିଳିଥିବା ବେଳେ ଅନ୍ୟ ସାର କ୍ଷେତ୍ରରେ ଏହା ୬୦ ପ୍ରତିଶତ ଓ ୭୪ ପ୍ରତିଶତ ରହିଛି। ଚାଷ କାର୍ଯ୍ୟରେ ଜୁଲାଇ ମଧ୍ୟ ଭାଗରୁ ସେପ୍ଟେମ୍ବର ମାସ ମଧ୍ୟରେ ଅଧିକ ୟୁରିଆ ବ୍ୟବହାର ହେଉଥିବା ବେଳେ ଜୁଲାଇ ଓ ଅଗଷ୍ଟ ଦୁଇମାସ ଅନ୍ୟ ସାର ଆବଶ୍ୟକ ପଡିଥାଏ। ଯଥା ସମୟରେ ସାର ନଆସିଲେ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ ପଡିବ। ଏ ନେଇ ରାଜନୈତିକ ଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ ଦଳର ସାଂସଦମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସାର ଯୋଗାଇ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ସାର କଳାବଜାର ହେଉଥିବା ଅଭିଯୋଗ ହେଲାଣି।ପ୍ରଦର୍ଶନ କ୍ଷେତ୍ର ପାଇଁ ଆବଶ୍ୟକ କୀଟନାଶକ ଯୋଗାଣ ନେଇ କୃଷି ଶିଳ୍ପ ନିଗମ ପ୍ରଥମ ଥର ପାଇଁ ଏବର୍ଷ ଅନଲାଇନ ଟେଣ୍ଡର କରିଥିଲା। କୀଟନାଶକ ଯୋଗାଣ କ୍ଷେତ୍ରରେ ଅତିମାତ୍ରାରେ ଅନିୟମିତତା ଯୋଗୁଁ ଏହାକୁ ବନ୍ଦ କରି ରଖାଯାଇଛି। ବଜାରରେ ୫ ଟଙ୍କା ମୂଲ୍ୟରେ ମିଳୁଥିବା 'ଲିଓର'କୁ ୯୫ ଟଙ୍କାରେ କିଣିବା ନେଇ ଆବେଦନକୁ ଗ୍ରହଣ କରାଯିବା ପରେ ବ୍ୟାପକ ଦୁର୍ନୀତିର ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିନି। କୃଷି ଶିଳ୍ପ ନିଗମ ଗତ ୫ ବର୍ଷରେ ଯେତେ କୃଷି ସାମଗ୍ରୀ କିଣି ଚାଷୀଙ୍କୁ ଯୋଗାଇଛି ସେସବୁ ଉପରେ ଯୋଗାଣକାରୀ ସଂସ୍ଥା ମନଇଚ୍ଛା ମୂଲ୍ୟ ନେଇଛନ୍ତି। ଏହାର ତଦନ୍ତ ହେବା ଆବଶ୍ୟକ। କୃଷି ନିର୍ଦ୍ଦେଶକ ପଦରେ ୬ ବର୍ଷ ଧରି ଜଣେ ଅଫିସର କାର୍ଯ୍ୟ କରିବା ପଛରେ କି ରହସ୍ୟ ରହିଛି ତାହା ସରକାର ସ୍ପଷ୍ଟ କରିବା ଉଚିତ। ଧାନ ସଂଗ୍ରହ ଠାରୁ ଆରମ୍ଭକରି ଚାଷୀଙ୍କ ଫସଲ ଋଣ, ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଯୋଗାଣ କ୍ଷେତ୍ରରେ ଅସାଧୁ ଅଫିସର ଓ ସଂପୃକ୍ତ ଶାସକ ଦଳର ରାଜନେତାଙ୍କ ସଂପୃକ୍ତି ଚାଷୀକୁ ଅଣନିଃଶ୍ୱାସୀ କରିଛି ।ଆବଶ୍ୟକତା ଠାରୁ ବହୁ ଅଧିକ ଧାନ ଓଡିଶାରେ ଉତ୍ପାଦିତ ହେଉଛି। ଧାନକୁ ଛାଡି ଦେଲେ ଆଉ କୌଣସି କୃଷିଜାତ ଦ୍ରବ୍ୟ ଆବଶ୍ୟକ ମୁତାବକ ଉତ୍ପାଦନ ହେଉନାହିଁ। ଏବର୍ଷ ରବି ଋତୁରେ ଧାନ କିଣିବା ପାଇଁ ଚାଷୀମାନେ ଯେଉଁ ହନ୍ତସନ୍ତ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ, ତାହା ସମସ୍ତେ ଜାଣିଛନ୍ତି। ମୋଟାମୋଟି ଭାବରେ କେନ୍ଦ୍ର ଓ ରାଜ୍ୟ ସରକାର ଓଡିଶାର ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ଓଡିଶା ସରକାର ଚାଷୀମାନଙ୍କୁ ଓଡିଶାର ଆବଶ୍ୟକତା ଦୃଷ୍ଟିରୁ ଅର୍ଥକାରୀ ଫସଲ ଉତ୍ପାଦନ କରିବା ପାଇଁ ଯୋଜନା ଓ ସାହାଯ୍ୟ କରିବାର ଆବଶ୍ୟକତା ଅଛି। ପ୍ରକୃତରେ ଯଦି ସରକାର ଚାଷୀଙ୍କର ଉନ୍ନତି ଚାହାଁନ୍ତି, ତେବେ ଚାଷୀମାନେ କିପରି ଡାଲି, ତୈଳଜାତୀୟ ଶସ୍ୟ, ପିଆଜ, ଆଳୁ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଅର୍ଥ ଉପାର୍ଜନକାରୀ ଶସ୍ୟ ଉତ୍ପାଦନ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ। କାଳିଅ ଯୋଜନା ଭଳି ଦାରିଦ୍ର୍ୟ ବଂଟନ କରନ୍ତୁ ନାହିଁ।୮୦ ପ୍ରତିଶତ ଲୋକଙ୍କୁ ଟଙ୍କିକିଆ ଚାଉଳ ଦିଆଯାଉଥିବା କହି ସରକାର ବାହାବା ନେଉଥିବା ବେଳେ ଅବଶିଷ୍ଟ ୨୦ ପ୍ରତିଶତ ଲୋକଙ୍କୁ ଏହି ଯୋଜନାରେ ସାମିଲ କଲେ ରାଜ୍ୟର ସବୁ ଲୋକେ ଉପକୃତ ହୋଇପାରନ୍ତେ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ଆଇଏଏସ, ଓଏଏସ ଅଫିସର ଯେଉଁ ଚାଉଳ ପାଇବେ ସେଇ ଚାଉଳ ଗରିବ ଲୋକ ପାଖରେ ପହଂଚନ୍ତ। ବଳକା ଚାଉଳ ଖାଦ୍ୟ ନିଗମ ଉଠାଉନଥିବା କହି ସରକାରୀ ଦଳ ଆନ୍ଦୋଳନ କରିବା ପରିସ୍ଥିତି ସୃଷ୍ଟି ହୁଅନ୍ତାନି। ବଳକା ଚାଉଳ ଗୋଦାମରେ ପଡି ନଷ୍ଟ ହେଉଛି। ବାସ୍ତବରେ ଓଡିଶାରେ ଯଦି ଚାଉଳ ବଳକା ହେଉଛି ତେବେ ପଡୋଶୀ ରାଜ୍ୟରୁ ଆସୁଥିବା ପ୍ୟାକେଟ ଚାଉଳ ବିକ୍ରି ହେଉଛି କିପରି। ଖାଦ୍ୟ ସୁରକ୍ଷା ଯୋଜନାରେ ଦିଆଯାଉଥିବା ଚାଉଳ ଖୋଲା ବଜାରରେ କିପରି ବିକ୍ରି ହେଉଛି। ଏସବୁ ପ୍ରଶ୍ନ ଉପରେ ସରକାର ଉତର ରଖିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




# ମର୍ଯ୍ୟାଦା ପୁରୁଷୋତ୍ତମ ରାମହିଁ ଥିଲେ ଉପେନ୍ଦ୍ର ଭଞ୍ଜଙ୍କର ମାର୍ଗଦର୍ଶକ






ଆ। ମେ ଯଦି ଘୁମୁସର ଇତିହାସକୁ ଅନୁଧ୍ୟାନ କରିବା ତେବେ ରାମଚନ୍ଦ୍ରଙ୍କ ଭଳି ଉପେନ୍ଦ୍ରଙ୍କର ଯଜ୍ଞ ପ୍ରସାଦରୁ ଜନ୍ମ ବୋଲି ଉଲ୍ଲେଖ ଅଛି। ତାଙ୍କର ମାତା ଓ ମାତାମହୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ସୁପୁତ୍ର ଜନ୍ମ ନିମନ୍ତେ ପିତାମହ ଧନଞ୍ଜୟ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ଉପେନ୍ଦ୍ରଙ୍କର ଜନ୍ମ ଜାତକରେ ମନର କାରକ ଚନ୍ଦ୍ର, ଦେବଗୁରୁ ବୃହସ୍ପତି ଓ ଦୈତ୍ୟଗୁରୁ ଶୁକ୍ରଙ୍କର ସ୍ଥାନ ଥିଲା ନବମ ଘରେ। ଯାହା ସନ୍ତାନ ବିଷ୍ଣୁଭକ୍ତ ହେବାର ଏକ ସୂଚନା। ଯୋଗବାରିଧି ଆୟୁର୍ବେଦ ଖଣ୍ଡ ଅନୁଯାୟୀ ଚନ୍ଦ୍ର, ଗୁରୁ ଓ ଶୁକ୍ର ପଂଚମ କିମ୍ବା ନବମରେ ଥିଲେ ବ୍ୟକ୍ତି ବିଷ୍ଣୁଲୋକରୁ ଆସି ଜନ୍ମଗ୍ରହଣ କରିଥାଏ। ବାଲ୍ୟକାଳରୁ ଉପେନ୍ଦ୍ର ନିଜ ମାତାମହୀଙ୍କଠୁ ପୁରାଣର କାହାଣୀମାନ ଶୁଣି ଈଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ଉଦ୍ରେକ ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ଇଷ୍ଟଦେବୀ ଦୁର୍ଗାଙ୍କୁ ମାତ୍ର ଛ ମାସ ଜପକରି ମନ୍ତ୍ରସିଦ୍ଧ ହୋଇଥିଲେ ଏବଂ କବିତ୍ୱର ଶକ୍ତି ପ୍ରାପ୍ତିଲାଗି ତାଙ୍କୁ ବର ପ୍ରାର୍ଥନା କରି ସଫଳ ହୋଇଥିଲେ। ଘୁମୁସରର ଇତିହାସ ଅନୁଯାୟୀ ଉପେନ୍ଦ୍ର ଭଞ୍ଜ ଥିଲେ ତନ୍ତ୍ର ସିଦ୍ଧ। ଏବଂ ସେ ଶକ୍ତି ସହିତ ପରଂବ୍ରହ୍ମ ନାରାୟଣ ତଥା ଇଷ୍ଟ ରାମଚନ୍ଦ୍ରଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତ୍ୟୋହ ସେ ଅଶ୍ୱାରୋହଣ କରି ଓଡ଼ଗାଁ ରଘୁନାଥ ଜୀଉଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ବାଟରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ ଜଣେ ସାଧକ ଶବ ସାଧନା କରୁଛି। ଦେବୀ ଭୈରବୀ ରୂପରେ ଆବିର୍ଭୂତା ହୋଇଛନ୍ତି। ଦେବୀଙ୍କ ଦର୍ଶନରେ ସାଧକ ହୋଇଛି ମୂର୍ଚ୍ଛିତ। ଏହାର ସୁଯୋଗନେଇ ଉପେନ୍ଦ୍ର ଶବ ଉପରେ ବସିପଡ଼ି ଦେବୀଙ୍କୁ ବର ପ୍ରାର୍ଥନା କଲେ ଏବଂ ଭୈରବୀଙ୍କ କୃପାରୁ ସେ ହୋଇଥିଲେ କବିତ୍ୱର ଅଧିକାରୀ। ଅନୁରୂପ ଏକ କିମ୍ବଦନ୍ତୀ ଅନୁଯାୟୀ ବ୍ୟାଘ୍ରଦେବୀଙ୍କ ନିକଟରେ ଜଣେ ସାଧକ ବ୍ରାହ୍ମଣକୁ ବଳିଦେଇ ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ। ଏ କିମ୍ବଦନ୍ତୀର ସତ୍ୟତା ସନ୍ଧିହୀନ ମାତ୍ର ବାଲ୍ୟକାଳ ଓ କିଶୋର ଅବସ୍ଥାରେ ଉପେନ୍ଦ୍ର ଦୁର୍ଗା ଓ ବ୍ୟାଘ୍ରଦେବୀଙ୍କର ଭକ୍ତ ଥିଲେ, ଏଥିରେ କୌଣସି ଦ୍ୱିମତ ନାହିଁ।

ଭଞ୍ଜପ୍ରତିଭାର ସ୍ଫୁରଣରେ ଶକ୍ତିର ପ୍ରସନ୍ନତା ମହତ୍ୱପୂର୍ଣ୍ଣ। ମାତ୍ର ଏହାର ବିକାଶ ଓ ସିଦ୍ଧିରେ ରାମଚନ୍ଦ୍ରଙ୍କର ଆଶିର୍ବାଦ ଓ ମାର୍ଗଦର୍ଶନ କାର୍ଯ୍ୟ କରିଛି। ସ୍ୱୟଂ ନିଜେ ଉପେନ୍ଦ୍ର ନିଜର ପ୍ରତିଟି କାବ୍ୟରେ ଏହା ସ୍ୱୀକାର କରିଛନ୍ତି। ସେ ସଦାସର୍ବଦା ପ୍ରଭୂ ରାମଚନ୍ଦ୍ରଙ୍କର ମହିମା ଓ ମହତ୍ୱ ବର୍ଣ୍ଣନାରେ ଶତମୁଖ। କୈଶୋର ଅବସ୍ଥାରେ ରାମତାରକା ମନ୍ତ୍ର ସିଦ୍ଧି ଲାଗି ସେ ରାଜଗୁରୁଙ୍କ ଦ୍ୱାର ଉପବିଷ୍ଟ ହୋଇଥିଲେ। ନିଜର ଉଦ୍ଦେଶ୍ୟକୁ ସାକାର କରିବା ନିମିତ ସେ ଅନେକ ରାମପୀଠ ଭ୍ରମଣ କରିଥିଲେ ମଧ୍ୟ ନୟାଗଡ଼ ମାଳୀସାହି ଥିଲା ତାଙ୍କ ରାମ ସାଧନାର କେନ୍ଦ୍ର। ସେଠାରେ ଏବେବି ଏକ ରାମ ମନ୍ଦିର ଓ ଶିବ ମନ୍ଦିର ବିଦ୍ୟମାନ। ଶିବ ହେଉଛନ୍ତି ରାମତାରକ ମନ୍ତ୍ରର ପ୍ରବର୍ତକ। ଉପେନ୍ଦ୍ରଙ୍କ କାବ୍ୟରେ ରାମଙ୍କ ସହିତ ଶିବଙ୍କୁ ବହୁବାର ପ୍ରାର୍ଥନା କରାଯାଇଛି। ଘୁମୁସର ଇତିହାସ ଅନୁଯାୟୀ ଉପେନ୍ଦ୍ର ଓଡ଼ଗାଁର ରଘୁନାଥଙ୍କ ପ୍ରତିଷ୍ଠିତା। ଆଜି ମଧ୍ୟ ପୁରୀର କଣ୍ଡେଇବେଂଟ ସାହିରେ ପ୍ରତିଷ୍ଠିତ ଏକ ମଠର ନାମ ଘୁମୁସର ମଠ। ଯେଉଁଠାରେ ସୀତାରାମଙ୍କ ମୂର୍ତୀ ପୂଜା ପାଉଛନ୍ତି। ଉପେନ୍ଦ୍ର ନିଜର ଶ୍ରୀକ୍ଷେତ୍ର ଆଗମନ କାଳରେ ସୀତାରାମଙ୍କୁ ଆରଧନା କରୁଥିଲେ।

ପୈତୃକ ପରମ୍ପରାନୁସାରେ ଉପେନ୍ଦ୍ର ଥିଲେ ବୈଷ୍ଣବ। ତାଙ୍କ ସମୟକୁ କୃଷ୍ଣପ୍ରେମ ଧର୍ମ ସହିତ ଚୈତନ୍ୟଙ୍କର ଆବିର୍ଭାବ ଘଟିସାରିଥିଲା। ରାମାନୁଜ ଭକ୍ତି ଧର୍ମ ତାର ବିଚିତ୍ର ସ୍ୱରୁପଟିକୁ ନେଇ ଓଡ଼ିଶାରେ ବହୁଳ ପ୍ରସାରିତ ହୋଇଥିଲା। ଚୈତନ୍ୟଙ୍କ ପରକୀୟା ପ୍ରୀତିର ଉଦାହରଣ ଉପେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ରତି ଓ ପ୍ରୀତିର କାବ୍ୟକାର ହୋଇ ମଧ୍ୟ ସାମାଜିକ ଉଚ୍ଛୃଙ୍ଖଳାତାକୁ ସେ ପ୍ରଶୟ ଦେଇ ନ ଥିଲେ। ସ୍ୱକୀୟା ପ୍ରୀତି ଓ ଏକ ପତ୍ନୀବ୍ରତାର କଠୋର ପରିଧି ଉପେନ୍ଦ୍ର ଲଙ୍ଘନ କରିନାହାନ୍ତି। ଉପେନ୍ଦ୍ର ଥିଲେ ଶକ୍ତି ଓ ରାମଙ୍କର ପରମ ଭକ୍ତ। ଯଦିଓ ରାମଚନ୍ଦ୍ର ତାଙ୍କର ଇଷ୍ଟ ଓ ମାର୍ଗଦର୍ଶକ ଥିଲେ ମାତ୍ର ହିନ୍ଦୁ ଧର୍ମର ଅନ୍ୟାନ୍ୟ ଦେବ ଦେବୀଙ୍କ ପ୍ରତି ତାଙ୍କର ଥିଲା ଯଥୋଚିତ ସମ୍ମାନ। ସେ ତାଙ୍କ କବିତା ବୃତିରେ ଦୁର୍ଗା, ରାମ, ବିଷ୍ଣୁ, ଶିବ, କୃଷ୍ଣ, ଜଗନ୍ନାଥ ବିବିଧ ଅବତାରମାନଙ୍କୁ ସମ୍ମାନିତ କରିଛନ୍ତି।

ରାମଚନ୍ଦ୍ରଙ୍କୁ ତାଙ୍କର କବି ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ସେ "ଲାବଣ୍ୟବତୀ" କାବ୍ୟରେ ଲେଖିଛନ୍ତି "ରାମ ତାରକ ପରସାଦେ - ମୋହର କବିପଣ ଉଦେ" ଏଥିପାଇଁ ବୋଧ ହୁଏ ସେ ପ୍ରଥମେ ୮ ଅନୁପ୍ରାସରେ "ବୈଦେହୀଶ ବିଳାଶ" କାବ୍ୟ ରଚନା କରିଥିଲେ। ଏହି କାବ୍ୟକୁ ନେଇ ଏକ ରୋଚକ କଥା ଆସିଥାଏ। ପିଲାବେଳେ ଉପେନ୍ଦ୍ର ଗୋଟିଏ କବିତା ଲେଖି ନିଜ ପିତୃଙ୍କ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇବା ବେଳେ ସେ ହେୟ ଜ୍ଞାନ ପୂର୍ବକ କହିଥିଲେ କି କବିତା ଲେଖିଛୁବ? ପାଠକେ 'ବ' ହେଉଛି ଗୋଟି ନିରର୍ଥକ ବୋଧକ ଅକ୍ଷର। ସେହିଦିନ ଉପେନ୍ଦ୍ର କହିଲେ ଅଜା ଯେଉଁଟାକୁ ନିରର୍ଥକ ଓ ହେୟ ମନେକଲ, ସେଇ 'ବ' ଅନୁପ୍ରାସରେ କାବ୍ୟ ରଚନା କରିବି ଓ "ବୈଦେହୀଶ ବିଳାଶ" ଆଜି କାବ୍ୟ ଜଗତର ଏକ ମହାନକାବ୍ୟ। ରାମଚନ୍ଦ୍ରଙ୍କ ଭାବନା ଓ ଭକ୍ତି ତାଙ୍କର ସମସ୍ତ କାବ୍ୟରେ ବିକ୍ଷିପ୍ତ ଭାବରେ ରହିଛି। ରାମ ଓ ବିଷ୍ଣୁଙ୍କ ମଧ୍ୟରେ ସେ କୌଣସି ତାରତମ୍ୟ ଦେଖି ନାହାନ୍ତି। ଯାହାର ନିମ୍ନୋକ୍ତି ଉଦାହରଣରୁ ସ୍ପଷ୍ଟ ଅନୁମେୟ।

***"କହେ ଉପଇନ୍ଦ୍ର ମୋ ପ୍ରଭୂ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ। ଜାତକଲେ କ୍ଷୀରାର୍ଣ୍ଣବୁ ସୁଧା ମୋର/ଜୀରାର୍ଣ୍ଣକୁ ରସ ଗୀତ, ସେତ।"***

ଠିକ୍ ଲାବଣ୍ୟବତୀରେ ସେ ଲେଖିଛନ୍ତି "ଜୟ ଜୟ ଜୟରାମ ଜନକ ସୁଖଦ, ଭୀମ ହରଷ ଦାନରେ ସଦା ବିଶାରଦ"। ଠିକ୍ ସେପରି 'ତତୈକ' କାବ୍ୟରେ "ହରିତାସ୍ୱର ସର୍ବଦା ଅଙ୍କହୀନ ସେହି, ରାଘବ ଶିବ ବିଧିରେ ଉପଇନ୍ଦ୍ର ଧ୍ୟାୟୀ ଯେ"। କେବଳ ରାମଚନ୍ଦ୍ର ତାଙ୍କର ଇଷ୍ଟ ଥିଲେ ତାହା ନୁହେଁ ଏଥି ସହିତ ମଧ୍ୟ ସେ ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ଓ ହନୁମାନଙ୍କୁ ମଧ୍ୟ ସେ ବନ୍ଦନା କରିଛନ୍ତି। ସେ ସୀତାରାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କସ୍ମିନ୍‌କାଳେ ତାଙ୍କର ହୃଦୟ କନ୍ଦରରୁ ଅନ୍ତର ନ ହେବା ଲାଗି ସୀତାରାମଙ୍କୁ ଆବେଦନ ଜଣାଇ "ଲାବଣ୍ୟବତୀ" କାବ୍ୟରେ ସେ ଲେଖିଛନ୍ତି - ***"କହି କବି ଭଞ୍ଜ ବୀରବର ଦିବ୍ୟରସ/ ଆହେରାମ ଅବିଘ୍ନେ ଏ ଗୀତକର ଶେଷ। ସୀତା ସହିତେ ମୋ ଚିତ୍ତୁ ନୋହିବ ଅନ୍ତର/ଏହି ଅଭିଷ୍ଟକୁ କରିଅଛି ନିରନ୍ତର ହେ।"***

"ଅବନା ରସ ତରଙ୍ଗରେ" ସେ ଯୁଗ ଯୁଗ ଧରି ତାଙ୍କ ପାଦରେ ସ୍ଥାନ ଲଭିବାକୁ ଲେଖିଛନ୍ତି "ଉପଇନ୍ଦ୍ର ଭଞ୍ଜର ସହସ୍ର ଦଣ୍ଡବତ୍, ଜନମ ଜନମ କର ତବର ଭକତ"। ଉପରୋକ୍ତ ଆଲୋଚନାରୁ ଏହା ଅନୁମେୟ ହୁଏ ଯେ ରାମଚନ୍ଦ୍ର ଥିଲେ ତାଙ୍କର ଆଧାତ୍ମିକ ଭାବନାର କେନ୍ଦ୍ରବିନ୍ଦୁ। ଆଜି ପବିତ୍ର ରାମ ନବମୀରେ ମୋର ଇଷ୍ଟ ତଥା ଉପେନ୍ଦ୍ରଙ୍କର ଇଷ୍ଟ ତଥା ମାର୍ଗଦର୍ଶକ ପ୍ରଭୂ ରାଜୀବ ଲୋଚନ ସମାଜର ମଙ୍ଗଳ ବିଧାନ କରିବାସହ ସମଷ୍ଟିଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ। ଏହା ହିଁ କାମନା।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମେନ୍ ରୋଡ୍, ଖୋର୍ଦ୍ଧା**

## ଓବିସି ପ୍ରସଙ୍ଗ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଂଗ୍ରେସର ଟାର୍ଗେଟ୍

ଭୁବନେଶ୍ୱର:ଓବିସିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଛି ଓଡିଶା କଂଗ୍ରେସ। ଓବିସି ପ୍ରତି ଅବିଚାର ହେଉଥିବା କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେକହିଛନ୍ତି କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା।କେନ୍ଦ୍ର କାହିଁକି ଜାତିଭିତିକ ଜନଗଣନାର ବିରୋଧ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ୨୦୧୦ ମସିହାରେ ଉପା ସରକାର ସମୟରେ ବିଜେପି ଜାତିଭିତିକ ଜନ ଗଣନା ପାଇଁ ଦାବି କରିଥିଲା, ୨୦୧୮ ଜୁଲାଇ ୩୧ ତାରିଖରେ ତତ୍କାଳୀନ ଘରୋଇ ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଗଣନା ସଂକ୍ରାନ୍ତ ବୈଠକରେ ୨୦୨୧ ଜନଗଣନା ସହ ଓବିସି ଜନଗଣନା କରାଯିବାର ନିଷ୍ପତି ନିଆଯାଇଥିଲା. ଜୁଲାଇ ୧୪, ୨୦୨୧ ରେ ଓବିସି କଲ୍ୟାଣ ସଂସଦୀୟ କମିଟି ଏଥିନିମନ୍ତେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ଏ ସମସ୍ତ ସତ୍ୱେ ଆଜି କେନ୍ଦ୍ର ସରକାର ଜାତି ଜନଗଣନା ପାଇଁ ପଛଘୁଂଚା ଦେଉଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନୁରୂପ ଭାବରେ କାହିଁକି ଓଡ଼ିଶାର ସ୍ୱତନ୍ତ୍ର ସ୍ଥିତି ଉପସ୍ଥାପନ କରି ସୁପ୍ରିମକୋର୍ଟରେ ୫୦ ପ୍ରତିଶତ ସଂରକ୍ଷଣ ଅଂକୁଶ ଉଚ୍ଛେଦ ନିମନ୍ତେ ଯୁକ୍ତି ଉପାସ୍ଥାପନ କରାଯାଇନାହିଁ , ଶିକ୍ଷା କ୍ଷେତ୍ରରେ ନାମଲେଖା ପାଇଁ ଓବିସି ସରଂକ୍ଷଣ ଆଜି ପର୍ଯ୍ୟନ୍ତ କାହିଁକି କରାଯାଇ ନାହିଁ ବୋଲି ଶ୍ରୀ ବେହେରା ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଯେ ଆଗାମୀ ସେପ୍ଟେମ୍ବର ବିଧାନସଭାର ମୌସୁମୀ ଅଧିବେଶନରେ ଜାତି ଜନଗଣନା ପାଇଁ ସରକାରୀ ପ୍ରସ୍ତାବ ଆଣିବା ସହ ଜାତି ଜନଗଣନା ନିମନ୍ତେ କେନ୍ଦ୍ର ସରକାରଙ୍କ ଉପରେ ଚାପସୃଷ୍ଟି କରିବାକୁ ସମସ୍ତ ରାଜନୈତିକ ଦଳର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସେ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

## ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ସହିତ ହୋଲି ପାଳିତ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ପବିତ୍ର ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଳି ଜଣାଇଁବା ସହିତ ସମ୍ମିଳନୀର ଶାଖା କାର୍ଯ୍ୟାଳୟରେ ହୋଲି ଉତ୍ସବ ପାଳନ କରାଯାଇଛି । ଉଭୟ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା। ସଭାପତିତ୍ୱ କରିଥିବା ବେଳେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ହୋଲି ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ପ୍ରତାପ ନନ୍ଦ, ସମରଂଜନ ମହାନ୍ତି, ପ୍ରକାଶ ସାମଲ, ପତିତପାବନ ତ୍ରିପାଠୀ, ନଳିନୀ ମହାନ୍ତି, ପ୍ରସନ୍ନ ରଥ, ଅଜୟ କାନୁନଗୋ, ପ୍ରକାଶ ପଣ୍ଡା ଓ ପୃଥୀରାଜ ତ୍ରିପାଠୀ ଆଦି ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇବା ସହିତ ହୋଲି ଉତ୍ସବ ପାଳନ କରିଥିଲେ।

# ମଧୁବାବୁ, କାଳିଆଘୋଡ଼ା ଓ ମେଣ୍ଢା



ସେ କାଳ ପଖାଳ ଏବେ ଆଉ ନାହିଁ। ସେକାଳେ ହେତୁ ହେବା ପରେ ଘରେ ଶିଖାଉଥିଲେ, ଟିକେ ଗାଇଲୁ, 'କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି'। କାଳିଆ ଘୋଡ଼ା ପ୍ରତି ପିଲାଙ୍କର ବେଶୀ ଆକର୍ଷଣ ଥାଏ। ତେଣୁ କଥାଟି ମନକୁ ପାଏ। ହେଲେ ପୁଣି ପ୍ରଶ୍ନ ଆସେ, କଳା ଘୋଡ଼ା କାହିଁକି, ଧଳା ଘୋଡ଼ା କାହିଁକି ନୁହଁ? ଏ ମଧୁବାବୁ ପୁଣି କିଏ? ସେଇଠୁ କିଏ କେମିତି ବୁଝାନ୍ତି, କଳା ଘୋଡ଼ା ହେଉଛି ବଳବୀର୍ଯ୍ୟ, ସାମର୍ଥ୍ୟର ପ୍ରତୀକ, ପରିଶ୍ରମର ସୂଚକ। ତେଣୁ ରେସ୍ କୋର୍ସରେ କଳାଘୋଡ଼ା ଉପରେ ବାଜି ଲଗାଯାଇଥାଏ। କଳାଘୋଡ଼ାର ନାଲ ବିଭିନ୍ନ କାର୍ଯ୍ୟରେ ଉପଯୋଗ ହୁଏ। ଅଶୁଭ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ, ଧନ ସଂପତି ବୃଦ୍ଧି ପାଇଁ ଏହି ନାଲର ଭରି ଚାହିଦା। ପୁଣି କଳା ରଂଗ ହେଉଛି ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରଙ୍ଗ। ପୁଣି ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ବା ଓଡ଼ିଶା। କଳିଙ୍ଗ ଶବ୍ଦଟିର ଆରଂଭ ବି ସେଇ କ ଅକ୍ଷରରୁ।

'କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି' କିଏ ଲେଖିଥିଲେ, ତାହା ଜଣାନାହିଁ। ହୁଏତ ଲୌକିକ ଆଧାରରେ ଏମିତି ପଦଟିଏ ଛିଣ୍ଡାଯାଇଥିବ! କେହି କେହି କୁହନ୍ତି, ମଧୁବାବୁ କାଳେ କାଳିଆ ଘୋଡ଼ାରେ ଚଢି କଚେରୀ ଯାଉଥିଲେ। ତେଣୁ ମଧୁବାବୁ କାଳିଆ ଘୋଡ଼ାରେ ଚଢିବା ଥିଲା ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ। ମଧୁବାବୁଙ୍କ ସାଂଗରେ ଲଢିବାର ଅର୍ଥ ହେଉଛି ବଡ଼ ହୋଇ ମଧୁବାବୁଙ୍କ ଭଳି ଭଲ ମଣିଷ/ବଡ଼ ମଣିଷ ହୁଅ। ପିଲାଦିନର ସେଇ ପ୍ରେରଣା ଏବେ ଆଉ ନାହିଁ। ସେହିପରି ପିଲାବେଳେ ଗୋଟେ ଗୀତ 'ତୁମ ପରି ଛୋଟ ପିଲାଟିଏ' ବି ଆମ ମନକୁ ଭାରି ଛୁଇଁଯାଇଥିଲା। ବାରମ୍ବାର ଆବୃତି କରିବାକୁ ଇଚ୍ଛା ହେଉଥିଲା: ତୁମ ପରି ଛୋଟ ପିଲାଟିଏ, ଗାଁ ଚାହାଳିର ଚାଟ ସିଏ, ଚେହେରାଟି ତା'ର ଡଉଲ ଡାଉଲ, ପାଠରେ ତାହାର ସରି କିଏ? ସେଇ କବିତାର ଉଚ୍ଛ୍ୱାସ ଏବେ ଆଉ ନାହିଁ। ଏବେ ଆଉ ଆମ ପିଲାଏ ଏଥିରେ ଉଦ୍‌ବୁଦ୍ଧ ହେଉନାହାନ୍ତି। କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ



ସାଂଗେ ଲଢିବି ପଦଟି ମଧ୍ୟ ପିଲେ ଆଉ ଶୁଣୁନାହାନ୍ତି। ଓଡ଼ିଆ-ମାଧ୍ୟମ ପିଲା ହୁଏତ ଶୁଣୁଥିବେ, ଜାଣୁଥିବେ, କିନ୍ତୁ ଇଂରାଜୀ-ମାଧ୍ୟମ ଛୁଆ ଏସବୁରୁ ବଂଚିତ। ପାଠରେ ନ ଥାଉ ପଛେ, ଆମ ଉଚ୍ଚଶିକ୍ଷିତ ବାପ-ମା' ନିଜ ଇଂରାଜୀ-ମାଧ୍ୟମ ପିଲାମାନଙ୍କୁ ଏସବୁ ଶୁଣାଇବାକୁ ପସନ୍ଦ କରୁନାହାନ୍ତି, ସେଗୁଡ଼ାକ କାଳେ ପୁରୁଣାକାଳିଆ, ମଫସଲି। ଆଜିର ଇଂଲିଶ-ମାଧ୍ୟମ ଛୁଆ ଏବେ 'ବା ବା ବ୍ଲାକ୍‌ସିପ ପଢୁଛନ୍ତି'। ମାନେ ମଧୁବାବୁଙ୍କୁ ଚିହ୍ନିପାରୁନାହାନ୍ତି, ହେଲେ ମେଣ୍ଢାକୁ ଚିହ୍ନୁଛନ୍ତି। ଏହା ହିଁ ବିଡ଼ମ୍ବନା। ଆମ ପିଲେଙ୍କୁ ମଧୁବାବୁ କିଏ ବୋଲି ପଚାରିଲେ, ସେମାନେ ଓଲଟି ପଚାରୁଛନ୍ତି, ମଧୁବାବୁ କିଏ?

ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବ୍ୟକ୍ତିଙ୍କର ବଳିଷ୍ଠ ଅବଦାନ ଥିଲା, ତାଂକୁ ଆମ ଭବିଷ୍ୟତ ପିଢି ଜାଣୁନାହାନ୍ତି। ପାଠକବଂଧୁ, ଜାତିର ପିତା ମହାତ୍ମା ଗାନ୍ଧୀ ଏକଦା ମଧୁବାବୁଙ୍କୁ ନିଜର ଫ୍ରେଣ୍ଡ, ଫିଲୋସଫର, ଗାଇଡ୍ ବୋଲି ମାନିଥିଲେ। ମଧୁବାବୁଙ୍କର ସ୍ୱଦେଶୀ ବିଚାର ଓ ଶିଳ୍ପାୟନ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ ଗାନ୍ଧିଜୀ। ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ଭଳି ଗାନ୍ଧୀ ମଧ୍ୟ ସାବରମତୀ ଆଶ୍ରମରେ ଖୋଲିଥିଲେ ଏକ ଟ୍ୟାନେରୀ। ୧୯୨୭ ମସିହା ଜୁନ୍ ୧୯ ତାରିଖରେ 'ନବଜୀବନ'ରେ ଗାନ୍ଧିଜୀ ଲେଖିଥିଲେ, "Raw materials worth crores of rupees are produced in this country and, thanks to our ignorance, lethargy and lack of invention, exported to foreign countries; as Sri Madhusudan Das has pointed out, that we remain ignorant like animals, our hands do not get the training which they ought to and our intellects do not develop as they should. As a consequence, living art has disappeared from our land and we are content to imitate the west."

୧୯୨୮ ମାର୍ଚ୍ଚ ୧୬ ତାରିଖରେ ଗାନ୍ଧିଜୀ ମଧୁବାବୁଙ୍କ ନିକଟକୁ ପ୍ରିୟ ବଂଧୁ ବୋଲି ସମ୍ବୋଧନ କରି ଏକ ପତ୍ର ପଠାଇଥିଲେ, ଯାହାକି ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ଆପଣଂକ ଗୋଚରାର୍ଥେ ଏଠାରେ ଉଲ୍ଲେଖ କରୁଛି:

Dear Friend,

After a great deal of thought and bother I have established at the Ashram a little bit of tannery without any power-driven machinery and without skilled assistance saved that of a man who has received a rough-and tumble experience of tanning in America and who is a crank like myself. Though I did not succeed in sharing your troubles and taking the load off your shoulders in connection with your own great national enterprise, your inspiration is partly responsible for the establishment of this little tannery at the Ashram. Can you please help me with a list of literature on the subject, a handbook on tanning and the like? If you think that there is nothing like this in English, will you out of your own wide and varied experience write out something that may be of use for propaganda, just a few hints? What is happening at the tannery? Who is in charge? I may add that my idea is to make the Ashram tannery a model for villages so that the villagers may be able to treat their own dead cattle and make use of the hide themselves. I have asked many people without success as to how I can skin dead cattle. Everybody knowing anything of tanning has something to say about hides after they are received from the village tanner; but nobody has yet told me if I take charge of a dead animal I can skin the carcass economically and hygienically and make use of other contents such as bones, intestine, etc., for purpose of manure.

**Yours sincerely,**
**(M.K.Gandhi)**
**March 16, 1928**

ତେଣୁ ଗାନ୍ଧିଜୀ ଯେ ବହୁଳ ଭାବେ ମଧୁବାବୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ, ଏଥିରେ ସନ୍ଦେହ ନାହିଁ। ସଂପ୍ରତି କରୋନା କବଳିତ ଏ ବିଶ୍ୱରେ ମଧୁବାବୁଙ୍କ ଚିନ୍ତନ ଭାରି ପ୍ରାସଂଗିକ। କୁଟୀର ଶିଳ୍ପ ମାଧ୍ୟମରେ ରୋଜଗାରର ସାଧନ ଉପଲବ୍ଧ କରାଇବା ଓ ତା'ର ଉପଯୋଗ ମଧୁବାବୁ ସଫଳ ଭାବେ କରାଇପାରିଥିଲେ। ତେଣୁ ମହାତ୍ମା ଗାନ୍ଧୀ ସେଇ ସ୍ୱଦେଶୀ ବିଚାରଧାରାକୁ ଆପଣାଇଥିଲେ। ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ନିଜ କାମ ନିଜେ କରିବା ଏବଂ ଏଭଳି ଧନ୍ଦାମୂଳକ କାର୍ଯ୍ୟ ଶିଖିବା, ଯାହା ଭବିଷ୍ୟତରେ ଆମ ପେଟପାଟଣା କଥା ବୁଝିବ। ତେବେ ହେଲା କ'ଣ? ଆମକୁ ସ୍ୱଦେଶ ନୁହେଁ, ବିଦେଶ ବେଶୀ ବାସିଲା। ମେଡ୍ ଇନ୍ ଇଣ୍ଡିଆ ନୁହେଁ, ମେଡ୍ ଇନ୍ ଚାଇନା ବେଶୀ ଗ୍ରାସିଲା। ସେଇ ଚାଇନାର ଦାନ କୋଭିଡ୍-୧୯ରେ ଆମେ ଏବେ ପେଶିହେଇଯାଇଛୁ। ସଂପ୍ରତି ପ୍ରଧାନମଂତ୍ରୀ ନରେନ୍ଦ୍ର ମୋଦୀ ସେଇ ଗ୍ରାମ-ସ୍ୱରାଜ୍ୟ କଥା କହୁଛନ୍ତି, ଯାହା ଦିନେ ମଧୁବାବୁ ଓ ମହାତ୍ମା ଗାନ୍ଧୀ କହିଥିଲେ। ଗ୍ରାମପଂଚାୟତଗୁଡ଼ିକୁ ଆତ୍ମନିର୍ଭରଶୀଳ ହେବା ପାଇଁ ମୋଦୀ ଆହ୍ୱାନ ଦେଇଛନ୍ତି। ଚାଲନ୍ତୁ ସେଇ ଆତ୍ମନିର୍ଭରଶୀଳତା ପାଇଁ ପ୍ରୟାସୀ ହେବା। କୃଷି ଉପରେ ଗୁରୁତ୍ୱ ଦେବା। ଦାଦନ ଖଟିବାକୁ ନ ଯାଇ ନିଜ ଅଂଚଳରେ ଚାଷବାସ କରିବା। ସରକାରଙ୍କ ଠାରୁ ମାଗଣା, ମାହାଳିଆ ଖାଇବାର ପ୍ରବୃତି ପରିହାର କରି ସ୍ୱାଭିମାନୀ ହେବା। କୁଟୀର ଶିଳ୍ପ ବସାଇବା। ନିଜ ମାତୃଭୂମିକୁ ଭଲ ପାଇବା। ବହୁତ ଗୁଡ଼ାଏ ଅର୍ଥ ରୋଜଗାର ପାଇଁ ମନ ନ ବଳେଇବା। ନିଜେ ବଂଚିବା, ଅନ୍ୟକୁ ବଂଚିବାକୁ ଦେବା। ବିଡ଼ମ୍ବନାର ବିଷୟ, ଆମେ ମଧୁବାବୁଙ୍କୁ ଆମର ବ୍ରାଣ୍ଡ କରିପାରିଲେନାହିଁ। ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କୁ ଆମେ ଯେଉଁଭଳି ଭାବେ ସମ୍ମାନ ଦେବାକଥା ଦେଇପାରିଲେନାହିଁ। ଓଡ଼ିଆ ମେଣ୍ଢା ହେଇ ରହିଗଲେ।

**ସମରେନ୍ଦ୍ର ବଳିଆରସିଂହ,**
ବିଶ୍ୱାତ୍ମା, ଏମ୍-୨୩, ବିଡିଏ କଲୋନୀ, ଖୋର୍ଦ୍ଧା-୭୫୨୦୫୫, ଶୂନ୍ୟଭାଷ: ୮୨୪୯୬୭୯୦୯୯


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x4cm: Rs.8,000/- (One Month)
10c.m.x4cm: Rs. 350/- (One day)
5c.m.x4cm: Rs. 5,000/- (One Month)
5c.m.x4cm: Rs. 200/- (One day)

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
*For*
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phaggun Communication

**ADMISSION ON**
**MAHARISHI PUBLIC SCHOOL**
your gateway to complete education
*For*
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com





## OFFICE OF THE NOTIFIED AREA COUNCIL: UDALA

Udala, Mayurbhanj Tel. No/Fax-06795232268, Odisha

### TENDER CALL NOTICE

No. 1915 Date : 27.08.2021

The Executive Officer, N.A.C. Udala invites sealed Tenders in conformity with the detailed tender call notice from the regd. Contractors of Udala N.A.C. as well as P.W.D. Contractors as specified against each work detailed as follows:-

The tender documents may be obtained from the N.A.C. Office , Udala on payment of cost in shape of Cash (no refundable)

Tenders must be accompanied by E.M.D. as specified for the Work in shape of bank draft drawn in favour of executive officer, Udala N.A.C., Udala payable at Udala along with copy of Valid registration certificate / PAN Card/ Valid GST Registration certificate-06 (Rule-10)(1) money receipt of paper cost without Money receipt or required documents of tender will be liable for rejection. The Tenderer shall on the copy of all documents attached to tender paper and submit a declaration in support of authenticity of documents.

Seal of Tender paper from Dt. 01.09.2021 to Dt. 13.09.2021 Office hour.

Date of receive of Tender Paper up to : Dt. 14.09.2021 up to 1.00 P.M.

Date of Opening of Tender Paper : The tender will be opened on Dt. 14.09.2021 at 3.00 P.M. in the office of the Udala N.A.C . in presence of the Tenderers or their authorized representatives. If the office happens to be closed on the date of receipt of tender and the date of opening as specified, the tenders will be received and opened on the next working day respectively at the same time & venue.

Each tender should be submitted in a single cover including the Name, Sl. No. of Work. The Tenderers are required to quote their rate both in words and in figures.

The authority reserves the right to reject any or all the tenders without assigning any reason thereof.

| Sl. No | Name of the Work | Probable cost | E.M.D @1% Rs. | Cost of Tender Paper | Time of Completion | Class of Contractor |
|---|---|---|---|---|---|---|
| 1. | Construction of C.C. road from Laxman Majhi House to Kailash Singh House in W.No. 11 of Udala N.A.C | Rs.1,99,900/- | Rs.2,000/- | Rs.600/- | 15 days | C & D |
| 2. | Construction of C.C. road from Satan Senapati House to Damodar Senapati House in W.No. 11 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 3 | Construction of C.C. wearing coat form Paradeep Panda House to Panda Babu House in W.No. 06 of Udala N.A.C. | Rs.1,98,000/- | Rs.2,000/- | Rs.600/- | 15 days | C & D |
| 4. | Construction of C.C. road from Mahadev Tank to Deepak Babu House in W.N. 09 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 5. | Construction of C.C. road from Mahadev Tank to Lala Babu House in W.No. 09 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 6. | Construction of C.C. road& Guard wall at A. Nayak House to N. Nayak House in W.N. 10 (Rich-I&II) of Udala N.A.C. | Rs.Per Rich 1,99,900/- | Rs.Per Rich 2,000/- | Rs.Per Rich 600/- | 15 days | C & D |
| 7. | Construction of C.C. road from C. Rout House to Karu Majhi House in W.No. 12 of Udala N.A.C. | Rs.1,99,800/- | Rs.2,000/- | Rs.600/- | 15 days | C & D |
| 8. | Construction of C.C. road from Shiban Murmu House to N.A.C. end in W.No. 12 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 9. | Construction of C.C. drain & road from Puhan Babu House to Ratha Colony in W.No. 04 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 10. | Construction of C.C. road from B. Behera House to P. Rout in W.No. 04 (Rich-I & II) of Udala N.A.C. | Rs.Per Rich 1,99,900/- | Rs.Per Rich 2,000/- | Rs.Per Rich 600/- | 15 days | C & D |
| 11. | Construction of C.C. road from Sashadhara Babu House to S. Rout in W.No.12 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 12. | Construction of C.C. road from L. Marndi House to M. Rout House in W.No. 12 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 13. | Construction of C.C. road from Dhara Behera House to Hemanta Behera in W.No.04 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 14. | Construction of C.C. road from R. Mohanty House to Anil Mohanty House in W.No. 04 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 15. | Construction of Cover Slab and Tube well plattom in front of N.A.C. Office in W.No. 01 of Udala N.A.C. | Rs.1,99,900/- | Rs.2,000/- | Rs.600/- | 15 days | C & D |
| 16 | Repair and renovation ofNAC office Building in W.No. 01 (Rich I, II & III) of Udala N.A.C. | Rs.Per Rich 1,99,900/- | Rs.Per Rich 2,000/- | Rs.Per Rich 600/- | 15 days | C & D |
| 17 | Repair and renovation of T.R.D.C Building and Children Park in W.N. 04 (Rich I , II & III) of Udala N.A.C. | Rs.Per Rich 1,99,900/- | Rs.Per Rich 2,000/- | Rs.Per Rich 600/- | 15 days | C & D |
| 18 | Construction of Fitting and fixing of paver block in M.C.C. & M.R.F. Campous (a) M.C.C. gate side (b) in M.C.C. front (c) M.R.F. Back (d) M.C.C. back side in W.No.09 of Udala N.A.C. | Rs.Per Rich 1,99,900/- | Rs.Per Rich 2,000/- | Rs.Per Rich 600/- | 15 days | C & D |

1. Preference will be given to Government Registered Contractors who are registered under Udala N.A.C.
2. The Bidder has to deposit 1 % of estimate value and E.M.D. along with the Tender in the shape /NSC/ KVP/ Postal Saving Book/POTD/TDR/Bank Draft and N.A.C money receipt and Bankers Cheque of the Nationalized Bank in favour of Executive Officer. Udala N.A.C. payable at Udala failing which the tender will be rejected out rightly .
3. Tender received without EMD / Part EMD will be rejected. No adjustment of EMD will be allowed.
4. Tender must be accompanied with attested Xerox copies of GST, PAN and contractor license.
5. Preference will be given to the eligible SC & ST contractors as per existing Govt. Rules.
6. The Successful Tenderer shall deposit the differential amount which is beyond 10% in shape Bank Draft in favour of the Executive Officer Udala N.A.C., Udala Payable at Udala.

Executive Officer
Udala N.A.C., Udala


# ଜଗନ୍ନାଥପ୍ରସାଦ ସୈରାତ ବାତିଲ ଧାରଣା ସ୍ଥଗିତ, ବୈଷୟିକ କମିଟିର ଅନୁଧ୍ୟାନ; ପୁନଃ ଚିହ୍ନଟ ହେବା ନେଇ ସୂଚନା

ଭଦ୍ରକ:ଏହି ଜିଲାର ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବାଲିପୋଖରୀ ପଂଚାୟତ ଜଗନ୍ନାଥପ୍ରସାଦ ସୈରାତ ନିଲାମ ବାତିଲ ଦାବିରେ 'ଆଂଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି' ପକ୍ଷରୁ ଅନୁଷ୍ଠିତ ଗଣଧାରଣାକୁ ଆଜି ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଗତ ଗୁରୁବାର ଠାରୁ ତହସିଲ ଅଫିସ ସମ୍ମୁଖରେ କମିଟି ପକ୍ଷରୁ ହେଉଥିବା ଗଣଧାରଣା ବୁଧବାର ଆଖୁଆପଦା ଆନିକଟ ସମ୍ମୁଖରେ ହୋଇଥିଲା। ସୋମବାର ଜିଲ୍ଲାପାଳଙ୍କ ସହ ସୁରକ୍ଷା କମିଟିର ଆଲୋଚନା ଅନୁଯାୟୀ ବୁଧବାର ଉପଜିଲ୍ଲାପାଳ ପିତାମ୍ବର ସାମଲଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଭଦ୍ରକ ଭୂତତ୍ତ୍ୱବିତ୍ ଜେ ସୁଷ୍ମିନାରାନୀ, ବାଲେଶ୍ୱର ଓଏସପିସିବି ଆ ଳିକ ଅଧିକାରୀ ବୈଷୟିକ ସଦସ୍ୟମାନେ ସଂପୃକ୍ତ ସୈରାତରୁ ବାଲି ଉଠାଣ ଜନିତ ସମ୍ଭାବ୍ୟ ବିପର୍ଯ୍ୟୟର କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ଏଥିସହ ବୈଷୟିକ କମିଟି ବାଲିପୋଖରୀ ଏସକେପ ପ୍ରତି ସୈରାତରୁ ବାଲି ଉଠାଣର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ। ବୈଷୟିକ କମିଟି ପକ୍ଷରୁ ଉପଜିଲ୍ଲାପାଳ ଶ୍ରୀ ସାମଲ ଧାରଣା ସ୍ଥଳକୁ ଯାଇ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଆଂଚଳିକ କମିଟି ଆବାହକ ଅକ୍ଷୟ ତ୍ରିପାଠୀ, ସଭାପତି ସୁଧିର ଜେନା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ ଆବଶ୍ୟକୀୟ ପ୍ରାମାଣିକ ନଥିପତ୍ର ମଧ୍ୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବୈଷୟିକ କମିଟି ଜିଲ୍ଲାପାଳଙ୍କୁ ଅବିଳମ୍ବେ ରିପୋର୍ଟ ପ୍ରଦାନ କରିବ ଓ ସ୍ଥାନୀୟ ଅଂଚଳବାସୀଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରି ଧରଣାରତ କମିଟି ପକ୍ଷରୁ ଧାରଣାକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଥିଲା। ଏଥିସହ ଗତ ମଙ୍ଗଳବାର ତହସିଲ ପକ୍ଷରୁ କରାଯାଇଥିବା ସୈରାତ ଅଂଚଳ ଚିହ୍ନଟ ଆନ୍ଦୋଳନକାରୀ ପ୍ରତିନିଧିଙ୍କ ଉପସ୍ଥିତିରେ ପୁନଃ ଚିହ୍ନଟ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ବେହେରା, ପ୍ରକାଶ ମହାପାତ୍ର, ବସନ୍ତ ତ୍ରିପାଠୀ, ଜିତେନ୍ଦ୍ର କୁମାର ମହାପାତ୍ର, ପ୍ରଭାତ କୁମାର ବାରିକ, ନଟବର ପରିଡା, ଅଭିମନ୍ୟୁ ଜେନା, ପ୍ରଦୀପ୍ତ କୁମାର ବାରିକ, ମହେଶ୍ୱର ଦାଶ, ନରନାରାୟଣ ପରିଡା, ରଶ୍ମିରଞ୍ଜନ ମହାପାତ୍ର, ଗିରିଶ ସାମଲ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ତେବେ ମଙ୍ଗଳବାର ଠାରୁ ଏହି ସୈରାତରୁ ବାଲି ଉଠାଣ ବନ୍ଦ ରହିଥିବା ଜଣାଯାଇଛି।

## ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବଂଟନ କାର୍ଯ୍ୟକ୍ରମ

ଭଦ୍ରକ: ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଭଦ୍ରକ ଏବଂ ଆଦାନୀ ଫାଉଣ୍ଡେସନ, ଆଦାନୀ ଧାମରା ପୋର୍ଟର ମିଳିତ ସହାୟତାରେ, ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବ ନ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ କରଣପଲ୍ଲୀ ଓ କରଞ୍ଜମାଳ ପ ।ୟତରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଚାନ୍ଦବାଲି ବ୍ଲକ ଅଧକ୍ଷା ପ୍ରତିନିଧି ରଞ୍ଜନ କୁମାର ସାହୁ, ଚାନ୍ଦବାଲି ବ୍ଲକ କୃଷି ଅଧିକାରୀ ବୈରାଗୀ ଚରଣ ସେଠୀ ତଥା କରଣପଲ୍ଲୀ ସରପ ବାବୁଲି ସେଠୀ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ମଲ୍ଲିକ ତଥା ଗୋବିନ୍ଦ କୃଷକ ସଂଘ, ମା' ବନଦୁର୍ଗା କୃଷକ ସଂଘ ଏବଂ ମା' ଶୀତଳା କୃଷକ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତି ରହି ଉଦ୍‌ଘାଟନ କରିଥିଲେ ।

## ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ

ଧର୍ମଶାଳା: ଖୋର୍ଦ୍ଧା ଜିଲା ସଦର ମହକୁମାରେ ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଯାଇଛି ।ଏହି ଅବସରରେ ଏକ ସଚେତନତା ପାଇଁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ତେବେ ଜନସଂଖ୍ୟା ସଚେତନତା ପକ୍ଷ ଜୁନ୨୭ ରୁ ଜୁଲାଇ ୧୦ ତାରିଖ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ।ସେ ଆହୁରି ମଧ୍ୟ କହିଛନ୍ତି ଛୋଟ ପରିବାର ସୁଖୀ ପରିବାର ।ତେବେ ଏହାକୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଲୋକମାନଙ୍କୁ ପ୍ରଚାର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଛି । ସଚେତନତା ରଥ ଜିଲାର ୧୦ଟି ବ୍ଲକର ବିଭିନ୍ନ ଗାଁ ଗାଁ ବୁଲି ସଚେତନତା କରିବ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଧିକାରୀ ବିଶ୍ୱରଞ୍ଜନ ପତି ଯୋଗ ଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ କାର୍ଯ୍ୟକ୍ରମ ଚଳିତ ମାସ ୧୧ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯିବ। ତେବେ ବିଶ୍ୱ ଜନସଂଖ୍ୟା ଦିବସ ନେଇ ଚଳିତ ବର୍ଷର ବାର୍ତ୍ତା ରହିଛି ନ୍ତପରିବାର ନିୟୋଜନ ଏକ ସାମାଜିକ ଦାଇତ୍ୱନ୍ତ ।ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପୋଷ୍ଟର, ବ୍ୟାନର, ଲିଫଲେଟ,ହୋଡିଙ୍ଗ ଓ ସଚେତନତା ରଥ ମାଧ୍ୟମରେ ସଚେତନ କରାଯିବ। ଏତତ ବ୍ୟତୀତ ଆଶାକର୍ମୀ ମାନେ ସନ୍ତାନକ୍ଷମ ଦମ୍ପତିଙ୍କର ଏକ ତାଲିକା ନବୀକରଣ କରିବା ସହିତ ଗ୍ରାମ୍ୟସ୍ତର ସ୍ୱାସ୍ଥ୍ୟ ଓ ପୋଷଣ ଦିବସରେ ସନ୍ତାନକ୍ଷମ

## ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇବା ଦାବିରେ ବିଜେପିର ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବଙ୍କୁ ବାସଗୃହ ଆବଂଟନ ପ୍ରସଙ୍ଗରେ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ତାଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ଏକ ମହାଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ରିପୋର୍ଟ ଅନୁଯାୟୀ ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା ହେବା ସହ ପାଖାପାଖି ୧୦୦୦ କୋଟି ଟଙ୍କାର ବାଟମାରଣା ହୋଇଛି । ରାଜ୍ୟରେ ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଯେପରି ବାସଗୃହ ପାଇବାରୁ ବଂଚିତ ନହୁଅନ୍ତି, ସେଥି ପାଇଁ ରାଜ୍ୟ ବିଜେପି ତରଫରୁ ଆଜିଠୁ ୩ ଦିନ ଧରି ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ବିଜେପି ଅଭିଯୋଗ କରିଛି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ, ଗୋଟିଏ ଗୋଟିଏ ପରିବାରରେ ଏକାଧିକ, ଅଯଥା ଅନୁକଂପା ପ୍ରଦର୍ଶନ, ଗୁହାଳକୁ କଛା ଘର ଭାବେ ଜିଓ ଟ୍ୟାଗିଂ କରାଯାଇ ବାସଗୃହ ଆବଂଟନ କରାଯାଇଛି । ଏପରିକି ଏ ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ୱେବସାଇଟରେ ନିର୍ମିତ ଘରର ଡମି/ନକଲି ଏଂଟ୍ରି କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଷ୍ଟିକର ଛୋଟ ଆକାରରେ ଓ ବିଜୁ ପକ୍କା ଘର ଯୋଜନାର ବଡ ଷ୍ଟିକର ଲଗାଯାଇଛି । ପିଏମ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ ନମ୍ବରକୁ ପରିବର୍ତ୍ତନ କରାଯାଇଛି । ବଲାଙ୍ଗୀର ଜିଲ୍ଲାର ପାଟଣାଗଡରେ ପୂର୍ବତନ ମନ୍ତ୍ରୀ କେ.ଭି.ସିଂହଦେଓ, କଂଟାବାଂଜିରେ ସାଂସଦ ସଂଗୀତା ସିଂହଦେଓ, ଲୋଇସିଙ୍ଗାରେ ବିଧାୟକ ଡ.ମୁକେଶ ମହାଲିଙ୍ଗ; ସମ୍ବଲପୁର ଜିଲ୍ଲା ଜମନକିରାରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଧନକଉଡାରେ ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ; ତାଳଚେରରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ; ଝାରସୁଗୁଡା ଜିଲ୍ଲା କିର୍ମିରା ଓ ଲଇକେରାରେ ବିଧାୟକ ଶଂକର ଓରାମ ଏବଂ ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ; ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲୀ ଓ ଲେଫ୍ରିପଡାରେ ବିଧାୟକ ଭବାନୀ ଭୋଇ ଏବଂ ବିଧାୟିକା କୁସୁମ ଟେଟେ; ଗଜପତି ଜିଲ୍ଲା ଘୁମାରେ ବିଧାୟକ କେ.ନାରାୟଣ ରାଓ ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର; ଭଦ୍ରକ ଜିଲ୍ଲାର ଭଦ୍ରକ ଓ ଚାନ୍ଦବାଲି; ଜଗତସିଂହପୁର ଜିଲ୍ଲାର ତିର୍ତୋଲ; ବରଗଡ ଜିଲ୍ଲାର ଭଟଲି; ସୋନପୁର ଜିଲ୍ଲାର ବିନିକା ବ୍ଲକ ସମେତ ପ୍ରମୁଖ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ବିଡିଓ ଜରିଆରେ ପ୍ରଦାନ କରାଯାଇଥିଲା ।ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday August 28, 2021 | ଭୁବନେଶ୍ୱର ଶନିବାର, ଅଗଷ୍ଟ ୨୮,୨୦୨୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ବାଂଲାଦେଶ ମୁକ୍ତି ଯୁଦ୍ଧର ୫୦ତମ ବିଜୟ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଆୟୋଜିତ




ଭୁବନେଶ୍ୱର :ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଚଳିତବର୍ଷ ଦେଶବ୍ୟାପି ବାଂଲାଦେଶ ମୁକ୍ତି ସଂଗ୍ରାମର ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଅଛି। ଏହି ଉପଲକ୍ଷେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟବ୍ୟାପି ଏହି ଉତ୍ସବ ପାଳନ କରାଯିବ। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଠିତ ୫୦ ବର୍ଷ ପୂର୍ତ୍ତି ପାଳନ କମିଟି ବୈଠକ ଆଜି ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇସିସି ପୂର୍ତ୍ତି କମିଟି ଆବାହକ କ୍ୟାପଟେନ ପ୍ରବୀଣ ଡାଭର ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ କରିବାକୁ କହିଥିଲେ। ତଦନୁଯାୟି ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ତ୍ତି ଉତ୍ସବ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ପିସିସି ପକ୍ଷରୁ ଗଠିତ କମିଟିର ସଦସ୍ୟମାନେ ଯୋଗଦେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ସମସ୍ତ ଜିଲ୍ଲାରେ କାର୍ଯ୍ୟକ୍ରମ ସଂପନ୍ନ ହେବାପରେ ଏକ ରାଜ୍ୟସ୍ତରୀୟ ପୂର୍ତ୍ତି ଉତ୍ସବ ପାଳନ କରାଯିବ ଏବଂ ଏହି ଉତ୍ସବରେ ଏଆଇସିସି ପୂର୍ତ୍ତି କମିଟିର ଅଧ୍ୟକ୍ଷ ଶ୍ରୀ ଏକେ ଆଣ୍ଟୋନି ଯୋଗ ଦେବାକୁ ସ୍ଥିର କରାଯାଇଛି। ଏହି କ୍ରମରେ ଆସନ୍ତା କାଲି ତା ୨୮.୦୮.୨୦୨୧ ରିଖ ଦିବା ୧୦ ଘଂଟା ସମୟରେ ଯାଜପୁର ଜିଲ୍ଲାର ଜାରକା ପ୍ରୟାଗ ମଣ୍ଡପ ଠାରେ ଯାଜପୁର ଜିଲ୍ଲା ପକ୍ଷରୁ ପୂର୍ତ୍ତି ଉତ୍ସବ ପାଳନ କରାଯିବ। ଆଜିର ଏହି ବୈଠକରେ ପିସିସି ପୂର୍ତ୍ତି କମିଟିର ଅଧ୍ୟକ୍ଷ ଡ. ଦେବାଶିଷ ପଟ୍ଟନାୟକ, ସଂଯୋଜକ ଶ୍ରୀ ପଦ୍ମାକର ଗୁରୁ, ସଦସ୍ୟ ସର୍ବଶ୍ରୀ ଅଶୋକ କୁମାର ଦାସ, ଅମିୟ କୁମାର ପାଣ୍ଡବ, ରଣଜିତ କୁମାର ଦାସ, ମମତା କୁଣ୍ଡୁ, ନିମାଇଁ ସରକାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଉଦାସ ଯୋଗୀ ବ୍ରହ୍ମଚାରୀ ଅମରାନନ୍ଦ ଦାସ ସମାଧିସ୍ଥ

ନେଉଳପୁର:ସଂଯୋଗୀ ଯୋଗୀ ଶ୍ରୀ ଶ୍ରୀ ଉଦାସ ଯମୁନା ଦାସଙ୍କ ପ୍ରତିଷ୍ଠିତ ଉଦାସ ଯୋଗାଶ୍ରମ ଗୁଣ୍ଡୁଣି, ଖଇରା, ବଡଚଣାଅର ପ୍ରଥମ ମହାନ୍ତ ମହାରାଜା ବ୍ରହ୍ମାଚାରୀ ଅମରାନନ୍ଦ ଦାସ ଗତ ୨୦ ତାରିଖ ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ ମ୍ନରାତ୍ରରେ ସ୍ୱ ଶରୀର ତ୍ୟାଗ କରିଛନ୍ତି। ତାଙ୍କ ପାର୍ଥୀବ ଶରୀରକୁ ଯୋଗାଶ୍ରମ ପରିସରରେ ସାଧୁସନ୍ଥ ମାନଙ୍କ ରୀତିନୀତି ଅନୁଯାୟୀ ସମାଧି ଦିଆଯାଇଥିଲା। ତା ପୂର୍ବରୁ ଉଦାସ ପନ୍ଥୀ ମାନଙ୍କର ଏକ ସଭା ଡକାଯାଇଥିଲା। ଏଥିରେ ଆଶ୍ରମର ବରିଷ୍ଠ ସନ୍ୟାସୀ ବ୍ରହ୍ମଚାରୀ ଉଦୟ ଦାସଙ୍କୁ ମଠର ମହନ୍ତ ଭାବେ ଘୋଷଣା କରାଯାଇ ତାଙ୍କ ମସ୍ତକରେ ଶରୋପା ବନ୍ଧା ଯାଇଥିଲା। ପରେ ତାଙ୍କ ପରାମର୍ଶରେ ୨୧ ଦିନ ବ୍ୟାପି ବ୍ରହ୍ମ ଏକାକ୍ଷର ଯଜ୍ଞ ଆରମ୍ଭ କରାଯାଇଅଛି। ଏହାର ପୁନ୍ନାହୁତି ଆସନ୍ତା ସେପ୍ଟେମ୍ବର ୯ ତାରିଖ ଅପରାହ୍ନରେ ସମାପ୍ତ ହେବ। ଆସନ୍ତା ସେପ୍ଟେମ୍ବର ୭ ତାରିଖରେ ସାଧୁ ସନ୍ଥ ମାନଙ୍କୁ ନେଇ ଏକ ସମ୍ମିଳନୀ ହେବାକୁ ନିଷ୍ପତି ନିଆଯାଇଛି।

## ଶିଶୁଅନନ୍ତ ମହାବିଦ୍ୟାଳୟରେ ଅନ୍ତର୍ଯ୍ୟାମୀ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ସ୍ମୃତିସଭା




ଭୁବନେଶ୍ୱର: ଜୟଦେବ ନିର୍ବାଚନ ମଣ୍ଡଳୀର ସର୍ବ ପୁରାତନ ଶିକ୍ଷା ଅନୁଷ୍ଠାନ ଶିଶୁ ଅନନ୍ତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଅନ୍ତର୍ଯ୍ୟାମୀ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ସ୍ମୃତି ସଭା କଲେଜର ଅଧକ୍ଷ ବୈକୁଣ୍ଠ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହସ ସଭାରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲୀ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କର ସ୍ମୃତି ଚାରଣ କରିବା ସହ ଏକ ସ୍ମରଣୀକା ଉନ୍ମୋଚନ କରିଥିଲେ । ପ୍ରାତନ ପ୍ରାଧାପକ ଓଡିଆ ବିଭାଗର ଭବାନୀ ଶଙ୍କର ଦାଶ, ସ୍ୱର୍ଗତ ସାହୁଙ୍କ ଧର୍ମପତ୍ନୀ ଅନୂଶୟା ସାହୁଙ୍କ ସହିତ କଲେଜର ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଅଧାୟନରତ ଛାତ୍ରଛାତ୍ରୀ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନୂଶୟା ସାହୁ ମହାବିଦ୍ୟାଳକୁ ୫୦ହଜାର ଟଙ୍କା ସହ କିଛି ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲେ।

## ଏସ.କେ.ଚାନ୍ଦ ରାଜ୍ୟ ଭାଜପା ସଂଖ୍ୟାଲଘୁ ସେଲର ସଂପାଦକ ଭାବେ ମନୋନୀତ

ନେଉଳପୁର: ରାଜ୍ୟ ଭାରତୀୟ ଜନତା ପାର୍ଟି ସଂଖ୍ୟାଲଘୁ ସେଲ ପକ୍ଷରୁ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଧିନ ନେଉଳପୁର ଗ୍ରାମର ଏସ.କେ.ଚାନ୍ଦଙ୍କୁ ସଂପାଦକ ଭାବେ ମନୋନୀତ କରିଥିବାରୁ ଏ ଅଂଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ଏସ.କେ.ଚାନ୍ଦଙ୍କୁ ସଂଖ୍ୟାଲଘୁ ସେଲର ସଂପାଦକ ଭାବେ ଦାୟିତ୍ୱ ଦେଇଥିବାରୁ ରାଜ୍ୟ ବାଜପା ସଭାପତି ସମୀର ମହାନ୍ତି, ରାଜ୍ୟ ଭାଜପା ସଂଖ୍ୟାଲଘୁ ସେଲର ସଭାପତି ସିକନ୍ଦର ଅଲ୍ଲୀ, ଯାଜପୁର ଜିଲ୍ଲା ଭାଜପା ସଭାପତି ଗୌତମ ରାୟ, ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଭାଜପା ଦଳର ବିଧାୟକ ପାର୍ଥୀ ରମେଶ ପରିଡା, ଜିଲ୍ଲା କିସାନ ମୋର୍ଚ୍ଚା ସଭାପତି ଚୈତନ୍ୟ ସାମଲ, ବିଜେପି ନେତ୍ରୀ ସ୍ମୃତିରେଖା ପୋହି, ରାଣୀ ଅପର୍ଣ୍ଣାଧିର ସିଂ, ବିଜେପି ନେତା କାହ୍ନୁ ଚରଣ ଦାସ, ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା, ଲକ୍ଷ୍ମୀନାରାୟଣ ରାମ, ମଣ୍ଡଳ ସଭାପତି ଅଶୋକ କୁମାର ସାହୁଙ୍କୁ ଧର୍ମଶାଳା ବିଜେପି ସଂଖ୍ୟାଲଘୁ କର୍ମୀ ଓ ବିଜେପି କର୍ମମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର: ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ, ଯୁବ ରାଜ୍ୟ ସଭାପତି ଶ୍ରୀ ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଆଇ.ଏନ୍.ଟି.ୟୁ.ସି. ରାଜ୍ୟ ମୁଖ୍ୟା କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମଗ୍ର ରାଜ୍ୟରେ ଦେଖା ଦେଇଥିବା ଉତ୍କଟ ବେକାରୀ ସମସ୍ୟା ଓ ଦରବୃଦ୍ଧିକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ଦୀର୍ଘ ୨ ବର୍ଷ ଧରି ମହାମାରୀ କରୋନା ଯୋଗୁଁ ସମଗ୍ର ଦେଶରେ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଥିବାବେଳେ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀଙ୍କ ଚାକୀରି ଚାଲିଯାଇଛି। ଏଭଳି ସମୟରେ ଶ୍ରମିକଙ୍କ ପାଇଁ ରୋଜଗାର ବ୍ୟବସ୍ଥା ମଧ ନାହିଁ। ଏହି ପରିସ୍ଥିତିରେ ପେଟ୍ରୋଲ, ଡିଜେଲ ଓ ଘରୋଇ ଗ୍ୟାସ ଦରବୃଦ୍ଧି ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଦର୍ଶାଇବା ସହିତ ସରକାର ତୁରନ୍ତ ଶିକ୍ଷିତ ବେକାରୀଙ୍କୁ ଚାକିରୀ ନଦେଲେ ମାସିକ ୭୫୦୦ ଟଙ୍କା ପ୍ରଦାନ କରିବା। ଠିକା ଶ୍ରମିକ ପ୍ରଥାକୁ ସଂପୂର୍ଣ୍ଣ ଉଚ୍ଛେଦ କରିବା। ସମାନ କାମକୁ ସମାନ ଦରମା ପ୍ରଦାନ କରିବା। ସ୍ଥାନୀୟକଳକାରଖାନା ମାନଙ୍କରେ ଅଗ୍ରାଧିକାରୀ ଭିତିରେ ଶିକ୍ଷିତ ବେକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼କୁ ଠିକ୍ ଭାବେ ପରିଚାଳନା ସହିତ କୋଭିଡ଼-୧୯ ସହାୟତା ଓ ଅନ୍ୟାନ୍ୟ ସହାୟତା ଏବଂ ପଞ୍ଜିକରଣକୁ ଗୁରୁତ୍ୱପୂର୍ଣ୍ଣ ପ୍ରଦାନ କରିବା। ସମଗ୍ର ରାଜ୍ୟରେ ଚାଷ ଓ ଚାଷୀଙ୍କ ଅଧିକାରକୁ ଗୁରୁତ୍ୱ ପ୍ରଧାନ ସହିତ ଧାନର ସହାୟକ ମୂଲ୍ୟ ସଠିକ ଭାବେ ପ୍ରଦାନ କରିବା ଓ ଅଭାବି ବିକ୍ରିକୁ ରୋକିବା ପାଇଁ ବାଧ୍ୟତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଦାବୀ ହୋଇଥିଲା। ଏହା ସହିତ କେନ୍ଦ୍ର ସରକାରଙ୍କର ଚାଷୀ ଓ ଶ୍ରମିକ ବିରୋଧିନୀତି ଓ ଲାଭାନିତ୍ୱ ରାଷ୍ଟ୍ରୀୟତ ଉଦ୍ୟୋଗ ଓ ପ୍ରତିରକ୍ଷା ବିଭାଗର ଘରୋଇକରଣକୁ ଦୃଢ଼ ବିରୋଧ କରାଯାଇଥିଲା ଏବଂ ସୁପ୍ରିମ୍‌କୋର୍ଟର ନିର୍ଦ୍ଦେଶନାମା ଅନୁଯାୟୀ ଅଣସଂଗଠିତ ଶ୍ରମିକଙ୍କ ପଞ୍ଜିକରଣକୁ ଯୁଦ୍ଧାକାଳିନ ଭିତିରେ କରାଯିବାକୁ ଏହି ବୈଠକରେ ଦାବୀ କରାଯାଇଥିଲା। ଏହି ସମସ୍ତ ଦାବୀକୁ ନେଇ ଆଗାମୀ ଦିନରେ ଯୁବ ଆଇ.ଏନ୍.ଟି.ୟୁ.ସି ଜିଲ୍ଲା ଓ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ସତ୍ୟାଗ୍ରହ କରାଯିବାକୁ ରାଜ୍ୟ ସଭାପତି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ କର୍ମକର୍ତା ଓ ସମସ୍ତ ଜିଲ୍ଲା ସଭାପତି ସର୍ବଶ୍ରୀ ପଦ୍ମାକର ଗୁରୁ, ବୈଭବ ଜେନା, କୃଷ୍ଣଚନ୍ଦ୍ର ସାହୁ, ଅଜୟ କୁମାର ପାଇକରାୟ, ବିମଳ କୁମାର ପ୍ରଧାନ, ବିପ୍ଳବ ଚୌଧୁରୀ, ଭବାନୀ ଶଙ୍କର ଜେନା, ଜୟକୃଷ୍ଣ ମାଲିଆ, ସରୋଜ ପ୍ରଧାନ, ବିକାଶ ଦାସ, ଚନ୍ଦ୍ରକାନ୍ତ ଖଣ୍ଡେଇ, ସୁଦିପ୍ ମିଶ୍ର, ଆଶା ମିଞ୍ଜି, ରଞ୍ଜି ରଞ୍ଜନ ଚୌଧୁରୀ, ସୁବାସିଷ ନାୟକ, ମିର୍ ଅବୁବେକର ସିଦ୍ଦିକ୍, ସଞ୍ଜିବ ମହାନ୍ତି, ଭଗବାନ ବାହିନ୍ ପତି, ଇଜୁ ଅମିନ୍ ଖାନ, ପ୍ରୀୟବ୍ରତ ନାୟକ, ପରମାନନ୍ଦ ହଂସ, ଜୀବନ କିଶୋର ବାରିକ, ସାଗର ରଞ୍ଜନ ପରିଡ଼ା, ସମୀର କୁମାର ଚାନ୍ଦ, ସଞ୍ଜୟ ମହାନ୍ତି, ଯୋଗେଶ ଭୋଇ ଓ ପଦିପ ସାହୁ ପ୍ରମୁଖ କର୍ମକର୍ତାମାନେ ଯୋଗ ଦେଇଥିଲେ।

## ସୁନାମୀ ବିପର୍ଯ୍ୟୟର ମୁକାବଲା ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା : ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ପକ୍ଷରେ ସମ୍ଭାବ୍ୟ ସୁନାମୀ ମୁକାବିଲା ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣାଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି ଶିବିରରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀନାରାୟଣ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାରଣା ସୁନାମୀ କ'ଣ ଓ ଏହାର ଭୟାବହତା ଏବଂ ଏଥିରୁ କିଭଳି ଜୀବନ ବଞ୍ଚାଇ ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ଜରୁରୀ ଅଧିକାରୀ ସମ୍ବିତ ଶତପଥୀ ସୁନାମୀ ବିପର୍ଯ୍ୟୟ ହ୍ରାସ ଓ ପ୍ରଶମନ ପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ପ୍ରଶିକ୍ଷାର୍ଥୀ ଶିକ୍ଷକମାନଙ୍କୁ ସୁନାମୀ ସମୟରେ ସେମାନଙ୍କ ଅଭିମୁଖ୍ୟ କ'ଣ ରହିବା ଉଚିତ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜୟ କୁମାର ମହାନ୍ତି, ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ସିଭିଲ ଡିଫେନ୍ସର ମାଷ୍ଟର ଟ୍ରେନରମାନେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସୁନାମୀ ସଚେତନତା, ସତର୍କତା, ସୁରକ୍ଷା ପାଇଁ ପଦକ୍ଷେପ ଓ କୌଶଳ ପ୍ରଭୃତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଜିଲ୍ଲାର ରାଜନଗର ଓ ମହାକାଳପଡା ବ୍ଲକର ସୁନାମୀ ପ୍ରବଣ ୬୧ଟି ଗ୍ରାମରେ ଥିବା ୯୭ଟି ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସୁନାମୀ ପ୍ରସ୍ତୁତି ସମ୍ପର୍କରେ ତାଲିମ ଦେବାସହ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଛି ।

## ବଡଚଣା କୃଷକ ସାଥି ସଂଘ ପକ୍ଷରୁ ସମ୍ବର୍ଦ୍ଧନା



ନେଉଳପୁର: ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ବଡଚଣା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ସମ୍ମିଳନୀ ଗୃହରେ ବଡଚଣା କୃଷକ ସାଥି ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସଂଯୋଜକ ତପନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥିଭାବେ ବଡଚଣା ଆତ୍ମା ଅଧ୍ୟକ୍ଷ ନିରଞ୍ଜନ ସେନାପତି,ସମ୍ମାନୀତ ଅତିଥିଭାବେ ସହକାରୀ କୃଷି ଅଧିକାରିଣୀ ଅଭିଲିପ୍ସା ପ୍ରିୟଦର୍ଶନୀ ,କୃଷକସାଥି ସଂଘର ସଭାପତି ଗୌରାଙ୍ଗ ଚରଣ ନାୟକ,ବ୍ଲକ ବୈଷୟିକ ପରିଚାଳକ ଶ୍ରୀନିବାସ ରାଉତରାୟ,ଭିଏଲଡବ୍ଲ୍ୟୁ ମନୋଜ କୁମାର କର,ସଂଗୀତା ମହାରଣା , ପ୍ରିୟତମା ସାମଲ,ଅନନ୍ତ ସିଂହ,ଏଟିଏମ ନରୋତମ ମହାନ୍ତି,କୃଷକ ସାଥି ରାଜକିଶୋର ଜେନା ,ଧରଣୀଧର ସାମଲ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ସେନାପତି ପ୍ରଦୀନ ପଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଥମେ ସଂଗୀତ ପରିବେଷଣ ଯୁଧିଷ୍ଠିର ସାହୁ କରିଥିବାବେଳେ ପ୍ରଭାତ ଚରଣ ନନ୍ଦ ବେଦ ପାଠ କରିଥିଲେ । କୃଷି ବିଭାଗ ଏକ ବିରାଟ ଅନୁଷ୍ଠାନ । କୃଷି ,ମତ୍ସ୍ୟ,ପ୍ରାଣୀଧନ , ହଟିକଲଚର ଆଦିର ସଦୁପଯୋଗ ଓ ସହଯୋଗ ଭିତିରେ ସରକାରଙ୍କ ଆଭିମୁଖ୍ୟକୁ ସାକାର କରିବାକୁ ହେଲେ ସଚେତନତା ଆବଶ୍ୟକ । କୃଷି ଓ କୃଷକ ସାଥିମାନଙ୍କ ସହଯୋଗର ହାତ ବଢାଇଲେ କୃଷିର ଉନ୍ନତି ହୋଇପାରିବ । ଏଥିରେ ୪୩ ପଂଚାୟତରେ ୭୫ ଜଣ କୃଷକ ସାଥି ଯୋଗ ଦେଇ ସଂଘ ପକ୍ଷରୁ ମୁଖ୍ୟଅତିଥି ଶ୍ରୀ ସେନାପତି ,ସହକାରୀ କୃଷି ଅଧିକାରୀ ଶ୍ରୀମତୀ ପ୍ରିୟଦର୍ଶନୀ ଓ ବୈଷୟିକ ପରିଚାଳକ ଶ୍ରୀ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କୃଷକସାଥିମାନଙ୍କ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ମାନ୍ୟବର ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଦୃଷ୍ଟି ଆକର୍ଷର କରିବା ପାଇଁ କୃଷକ ସଂଘର କର୍ମକର୍ତାମାନେ ଆତ୍ମା ଅଧ୍ୟକ୍ଷ ଶ୍ରୀ ସେନାପତିଙ୍କ ନିକଟରେ ଏକ ସାମୁହିକ ଦାବୀ ଉପସ୍ଥାପନ କରିଥିଲେ । ଶେଷରେ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦିବଂଗତ ଆତ୍ମା ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମନ୍ତରାୟଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଆତ୍ମା ଅଧ୍ୟକ୍ଷ ଶୟୀ ସେନାପତିଙ୍କୁ ତାଙ୍କର କର୍ତବ୍ୟନିଷ୍ଠା ପାଇଁ ସଂଘ ପକ୍ଷରୁ କୃତଜ୍ଞତା ଓ ଭୂୟସୀ ପ୍ରଶଂସା କରାଯାଇଥିଲା।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray